



**ବର୍ଜ୍ୟ ବି ଚୋରି; ୱେଷ୍ଟ ଟୁ କ୍ରାଫ୍ଟ କାରିଗରଙ୍କୁ ଅସମ୍ମାନ**

# ବର୍ଜ୍ୟରୁ ପ୍ରସ୍ତୁତ ମଶା ଓ ରୋବଟ୍ ଉଭାନ





ଭୁବନେଶ୍ୱର, ୧୫।୨(ସମିସ): ରଜାଧାନୀରେ ଗାଡ଼ିମୋଟର, ସୁନା, ମୋବାଇଲ୍ ଓ ମନିପର୍ସ ଚୋରି ହୋଇଥିବା ଘଟଣା ନିତିଦିନିଆ ହୋଇଗଲାଣି। ହେଲେ ଏବେ ବର୍ଜ୍ୟ ବି ଚୋରି ହୋଇଯାଉଛି। ଏଭଳି ଚୋରି ସମ୍ପର୍କରେ ଶୁଣି ଲୋକେ ଯେତିକି ହସୁଛନ୍ତି ସେତିକି ଆଶ୍ଚର୍ଯ୍ୟ ହେଉଛନ୍ତି। ଏହା ଲୋକଙ୍କ ବର୍ଜ୍ୟ ନୁହେଁ ବରଂ ବିଏମ୍‌ସି ବର୍ଜ୍ୟ। ଗାଡ଼ିରୁ ବାହାରୁଥିବା ଖରାପ ଯନ୍ତ୍ରାଂଶକୁ ଲୋକେ ବର୍ଜ୍ୟ ଭାବି ଫୋପାଡ଼ି ଦେଇଥିଲେ। ହେଲେ କିଛି ପ୍ରକୃତିପ୍ରେମୀ କାରିଗର ତଥା ପରିବେଶବିତ୍ ଏହି ବର୍ଜ୍ୟରେ ସୁନ୍ଦର କଳାକୃତି ନିର୍ମାଣ କରୁଛନ୍ତି। ଏହାକୁ ୱେଷ୍ଟ୍ ଟୁ କ୍ରାଫ୍ଟ କହିଥା'ନ୍ତି। ରାଜଧାନୀରେ ପରିବେଶ ସଚେତନତା ପାଇଁ ବିଭିନ୍ନ ଅଞ୍ଚଳରେ ରାସ୍ତାକଡ଼ରେ, ପାର୍କରେ ୱେଷ୍ଟ୍ ଟୁ କ୍ରାଫ୍ଟ ନିର୍ମାଣ କରାଯାଇଥିଲା। ଏହାର ପ୍ରଚାରପ୍ରସାର ମଧ୍ୟ ଖୁବ୍ ଧୁମ୍‌ଧାମ୍‌ରେ କରାଯାଇଥିଲା। ହେଲେ ଅଧିକାଂଶ ୱେଷ୍ଟ୍ ଟୁ କ୍ରାଫ୍ଟ ଏବେ ଚୋରଙ୍କ ହାବୁଡ଼ରେ ପଡ଼ିଯାଇଛି। ଯାହାଫଳରେ ଆଜି ଯେଉଁଠି ୱେଷ୍ଟ୍ ଟୁ କ୍ରାଷ୍ଟ ନିର୍ମାଣ କରାଯାଇଥିଲା କାଲି ସେଠି ଦେଖିବାକୁ ମିଳୁନାହିଁ। ଆଉ କେଉଁଠି ଅଧାଖଣ୍ଡିଆ ଅବସ୍ଥାରେ ଛିଡ଼ା ହୋଇଛି। ଏଭଳି ଘଟଣା ୱେଷ୍ଟ୍ ଟୁ କ୍ରାଫ୍ଟ କାରିଗରଙ୍କୁ ଅସମ୍ମାନ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

୨୦୨୪ ସେପ୍ଟେମ୍ବର ମାସରେ ଚନ୍ଦ୍ରଶେଖରପୁର ଲୁମ୍ବିନୀ ବିହାର ମା' ମଙ୍ଗଳା ବସ୍ତି ନିକଟସ୍ଥ ରାସ୍ତାକଡ଼ରେ ବିଏମ୍‌ସି ବର୍ଜ୍ୟବସ୍ତୁରୁ କଳାକୃତି ପ୍ରସ୍ତୁତ କରିଥିଲା। ପୁରୁଣା ଟାୟାରରୁ ହାତୀ, ମୋଟର ସାଇକଲ କ୍ରାଙ୍କ୍, ଚେନ୍, ଇଞ୍ଜିନ୍, ହେଡ୍ ଲାଇଟ୍ ଆଦି ବ୍ୟବହାର କରି ଗାଡ଼ି ଯନ୍ତ୍ରାଂଶରୁ ରୋବଟ୍ ଓ ୨୦୦ ଫୁଟିଆ ମଶା ଭଳି ଚିତ୍ରାକୃତି କରି ସେ ସ୍ଥାନରେ ବର୍ଜ୍ୟ ନ ପକାଇବା ଲାଗି ସଚେତନତା ସୃଷ୍ଟି କରାଯାଇଥିଲା। କିନ୍ତୁ ମାସ କେଇଟା ନ ପୂରୁଣୁ ଏଥିରୁ ଯନ୍ତ୍ରାଂଶ ସବୁ ଚୋରି ହୋଇଯାଇଛି। କେବଳ ଭଗ୍ନାବଶେଷ ପଡ଼ିଛି। ପୂର୍ବରୁ ସେ ସ୍ଥାନରେ ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇ ରହିଥିଲା। ବିଏମ୍‌ସିର ବାରମ୍ବାର ସଚେତନତା ସତ୍ତ୍ୱେ ମଧ୍ୟ କେହି ମାନୁ ନ ଥିଲେ। ଅପରପକ୍ଷରେ ବିଏମ୍‌ସିର କଥା ବସ୍ତି ଅଞ୍ଚଳର ଲୋକ କେହି ମାନୁନଥିବାରୁ ବିଏମ୍‌ସି ମଧ୍ୟ ସଚେତନ କରିବା ବନ୍ଦ କରିବା ସହ ସେ ଜାଗାରୁ ଅଳିଆ ଉଠାଉ ନ ଥିଲା। ଏପରି ସ୍ଥିତିରେ ସମୟ ଗଡ଼ିବା ସହ ସେ ଅଞ୍ଚଳରେ ବର୍ଜ୍ୟର ପାହାଡ଼ ସୃଷ୍ଟି ହୋଇଯାଇଥିଲା। କିନ୍ତୁ ବିଏମ୍‌ସି ସହରର ସ୍ୱଚ୍ଛତାକୁ ଆଗେଇ ନେବାଲାଗି ବିଭିନ୍ନ ୱାର୍ଡ ସହ ଜୋନ୍‌ସ୍ତରୀୟ କାର୍ଯ୍ୟାଳୟ ସାଙ୍ଗକୁ ରାସ୍ତାଘାଟ ବସ୍ତିମାନଙ୍କରେ 'ସ୍ୱଚ୍ଛତା ହିଁ ସେବା' ମାଧ୍ୟମରେ ସଫେଇ କାର୍ଯ୍ୟ କରି ରାଜଧାନୀକୁ ସଫାସୁତରା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ବର୍ଜ୍ୟରୁ କଳାକୃତି କରି ବିଏମ୍‌ସି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହାକୁ ନେଇ ପ୍ରଥମେ ବିଏମ୍‌ସି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବାଃବାଃ ନେଉଥିଲା। କିନ୍ତୁ ସମୟ ଗଡ଼ିବା ସହ ବିଏମ୍‌ସି ବି ଏହାର ସଂରକ୍ଷଣକୁ ଭୁଲି ଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ସେ ସ୍ଥାନରେ ଅଳିଆ ନ ପକାଇବା ଲାଗି ବିଏମ୍‌ସି ପକ୍ଷରୁ ଜରିମାନା ପୋଷ୍ଟର ମରାଯିବା ସହ ଗ୍ରୀନ୍ ଅଖା ପାଲରେ ସେ ସ୍ଥାନକୁ ଆବଦ୍ଧ କରାଯାଇଛି। କିନ୍ତୁ ସେ ସ୍ଥାନରେ ଏବେ ବେଶି ଆଳିଆ ପଡ଼ିଥିବା ନଜରକୁ ଆସିଛି। ଏହାସହ ଡ୍ରେନ୍‌ର ସ୍ଲାବ୍ ଖୋଲା ପଡ଼ିଥିବାବେଳେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏପରି ସ୍ଥିତିରେ ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ବିଏମ୍‌ସି ଏଠାରେ ଲୋକଦେଖାଣିଆ ଏଭଳି ସବୁ କରିଥିଲା। ପରେ ଏଗୁଡ଼ିକର ଆଉ ତଦାରଖ କଲା ନାହିଁ। ସେଥିଲାଗି ସେ ସବୁ ଧ୍ୱଂସାଭିମୁଖୀ ହୋଇଗଲା। ବିଏମ୍‌ସି କର୍ତ୍ତୃପକ୍ଷକୁ ଏହାର ପୂର୍ଣ୍ଣ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନ ହେଲେ ଆଗଭଳି ଏହା ବର୍ଜ୍ୟର ପାହାଡ଼ ହୋଇଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## କମିସନରେଟ୍ ପୁଲିସରେ ଅଦଳବଦଳ

ଭୁବନେଶ୍ୱର, ୧୫।୨(ସମିସ): କମିସନରେଟ୍ ପୁଲିସରେ ଏସିପି ଓ ଇନ୍ସପେକ୍ଟରସ୍ତରରେ ଅଦଳବଦଳ ହୋଇଛି। ଅତିରିକ୍ତ ଡିସିପି ସୁନାରାମ ହେମ୍ବ୍ରମଙ୍କୁ ଭୁବନେଶ୍ୱର ଜୋନ୍ ୧ର ଇନ୍‌ଚାର୍ଜ ଏସିପି ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ଜୋନ୍ ୫ ଏସିପି ମାନସ କୁମାର ଦେଓଙ୍କୁ କଟକ ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି)କୁ ବଦଳି ହୋଇଛି। ସିପି ଅଫିସରେ କାର୍ଯ୍ୟରତ ଏସିପି ବିଭୂତିଭୂଷଣ ମହାପାତ୍ରଙ୍କୁ ଭୁବନେଶ୍ୱର ଜୋନ୍ ୫ ଏସିପି ଭାବେ ଅବସ୍ଥାପିତ କରାଯାଇଛି। ସେପଟେ କଟକ ୟୁପିଡିରେ କାର୍ଯ୍ୟରତ ଇନ୍ସପେକ୍ଟର ସନ୍ତୋଷିନୀ ବେହେରାଙ୍କୁ ଭୁବନେଶ୍ୱର ସାଇବର ଥାନା ଅଧିକାରୀ ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ସାଇବର ଥାନା ଅଧିକାରୀ ତେରେସ୍କୋଭା ମହାପାତ୍ରଙ୍କୁ କଟକ ୟୁପିଡିକୁ ବଦଳି କରାଯାଇଛି। ପୁଲିସ କମିସନର ସୁରେଶ ଦେବଦତ୍ତ ସିଂଙ୍କ ଦସ୍ତଖତ ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ ଏହା ଜଣାଇ ଦିଆଯାଇଛି। ସେପଟେ ଟ୍ରାଫିକ୍ ଏସିପି ଉମାକାନ୍ତ ପ୍ରଧାନ ଅନୁପସ୍ଥିତ ଥିବାରୁ ତାଙ୍କ ସ୍ଥାନରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ରେ କାର୍ଯ୍ୟରତ ଏସିପି (ସଶସ୍ତ୍ର) ଶାଶ୍ୱତ ଆଚାର୍ଯ୍ୟଙ୍କୁ ଇନ୍‌ଚାର୍ଜ ଟ୍ରାଫିକ୍ ଏସିପି ଭାବେ ଅବସ୍ଥାପିତ କରାଯାଇଛି। ଶ୍ରୀ ଆଚାର୍ଯ୍ୟ ନିଜ ଦାୟିତ୍ୱ ସହିତ ଆସନ୍ତା ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଟ୍ରାଫିକ୍ ଏସିପି ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ ବୋଲି ଟ୍ରାଫିକ୍ ଡିସିପି ତପନ କୁମାର ମହାନ୍ତିଙ୍କ ପକ୍ଷରୁ ପ୍ରକାଶ।

## ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରି ଗିରଫ



ଭୁବନେଶ୍ୱର, ୧୫।୨(ସମିସ): ପତ୍ନୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଝାରପଡ଼ା କେନାଲ ରୋଡ୍‌ର କମଳ କିଶୋର ଶ୍ୟାମପୁରିଆ (୪୦)।

ପୁଲିସ ସୂଚନା ଅନୁସାରେ, କମଳ ୧୯ ବର୍ଷ ପୂର୍ବେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ। ସେ ନିଜ ଆୟକୁ ସବୁବେଳେ ଟ୍ରେଡିଂ ଓ ସେୟାର ମାର୍କେଟ୍‌ରେ ବିନିଯୋଗ କରୁଥିବାରୁ ପତି-ପତ୍ନୀଙ୍କ ମଧ୍ୟରେ ନିୟମିତ ଝଗଡ଼ା ହେଉଥିଲା। କମଳ ତାଙ୍କ ପତ୍ନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ପତ୍ନୀଙ୍କ ଅଭିଯୋଗ କ୍ରମେ ଗତ ଜାନୁଆରୀ ୧୮ ତାରିଖ ଦିନ ଲକ୍ଷ୍ମୀସାଗର ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ହେଲେ ଉଭୟ ପତି-ପତ୍ନୀଙ୍କୁ ଥାନାକୁ ଡାକି ବୁଝାସୁଝା କରି ଛାଡ଼ି ଦିଆଯାଇଥିଲା। ପୁଣିଥରେ ସପ୍ତାହେ ପରେ ଅର୍ଥାତ୍ ଜାନୁଆରୀ ୨୬ ତାରିଖରେ କମଳ ପତ୍ନୀଙ୍କୁ ବାଲ୍‌କୋନୀକୁ ଟାଣି ନେଇ ସେଠାରେ ବିବସ୍ତ୍ର ଉଦ୍ୟମ କରିଥିଲା। ସେହି ମାସ ୩୧ ତାରିଖ ରାତିରେ ଉଭୟ ବସି ଆପୋଷ ଆଲୋଚନା କରୁଥିବାବେଳେ କମଳ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ପତ୍ନୀ ରାତିରେ ଶୋଇଥିବା ଅବସ୍ଥାରେ କମଳ ତକିଆ ଦ୍ୱାରା ଶ୍ୱାସରୁଦ୍ଧ କରି ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ଘଟଣାରେ ପତ୍ନୀ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଆଡ୍‌ମିଟ୍ ହୋଇଥିଲେ। ଏହା ପରେ ମଧ୍ୟ କମଳ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଅଶ୍ଳୀଳ ଭାଷା ପ୍ରୟୋଗ କରି ନିୟମିତ ଭାବେ ମେସେଜ୍ ପଠାଉଥିଲେ। ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର କମଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହିଳାଙ୍କୁ ଆକ୍ରମଣ କରି ଗିରଫ

ଭୁବନେଶ୍ୱର, ୧୫।୨(ସମିସ): ମହିଳା ଦୋକାନୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନ୍‌ଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପଦ୍ମକେଶରୀପୁର ଅଞ୍ଚଳରେ ରହୁଥିବା ସଞ୍ଜୟ ସ୍ୱାଇଁ (୪୫)। ପୁଲିସ ସୂଚନା ଅନୁସାରେ, ଗତ ୧୧ ତାରିଖ ରାତି ୧୦ଟା ୩୦ରେ ସଞ୍ଜୟ କିମ୍‌ସ ରୋଡ୍‌ରେ ଥିବା ଜଣେ ମହିଳାଙ୍କ ଦୋକାନକୁ ଯାଇଥିଲେ। ସେଠାରେ ମଦ୍ୟପାନ କରିବା ଲାଗି ଉଦ୍ୟତ ହେଉଥିବାବେଳେ ମହିଳା ଜଣକ ତାଙ୍କୁ ମନା କରିଥିଲେ। ଏଥିସହିତ ଦୋକାନରେ ଥିବା ବାର୍‌କୋଡ୍ ମାଧ୍ୟମରେ ଟଙ୍କା ଦେବାକୁ ମନା କରିବାକୁ ନେଇ ସଞ୍ଜୟ ଓ ମହିଳାଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରଦିନ ଅର୍ଥାତ ୧୨ ତାରିଖ ରାତି ୧୦ଟା ସମୟରେ ଅଭିଯୋଗକାରିଣୀ ନିଜ ଦୋକାନରେ ଥିବାବେଳେ ସଞ୍ଜୟ ସେଠାରେ ପହଞ୍ଚି ପୂର୍ବ ବିବାଦକୁ ନେଇ ଗାଳିଗୁଲଜ କରିବା ସହିତ ଠେଲାପେଲା କରିଥିଲେ। ଏଥିସହିତ ଜୀବନରୁ ମାରିଦେବାକୁ ଧମକ ଦେବା ସହ ଏକ ଷ୍ଟିଲ୍ ରଡ୍ ଆଣି ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅଭିଯୋଗକାରିଣୀ ଘଟଣାସ୍ଥଳରେ ଅଚେତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଅଭିଯୋଗ ପରେ ଇନ୍‌ଫୋସିଟି ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହିତ ସଞ୍ଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ସଞ୍ଜୟଙ୍କ ପାଲଟା ଅଭିଯୋଗ ଆଧାରରେ ଆଉ ଏକ ମାମଲା ରୁଜୁ କରିଛି ପୁଲିସ।



## ଜମିଜମାକୁ ନେଇ ମରଣାନ୍ତକ ଆକ୍ରମଣ; ୩ ଗିରଫ



ନନ୍ଦନକାନନ, ୧୫।୨(ସମିସ): ନନ୍ଦନକାନନ ଥାନା ବାଲିପଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଭିତରେ ପଶି ଧରଣୀ ହରିଚନ୍ଦନ ନାମକ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ସହ ଗୋଡ଼, ହାତ ବାନ୍ଧି ଗୋଟେ ଘରେ ତାଲା ପକାଇ ରଖିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ନନ୍ଦନକାନନ ପୁଲିସ। ଗିରଫ ୩ ଜଣ ହେଲେ ନନ୍ଦନକାନନ ଥାନା ଗଣ୍ଡରପୁର ଗ୍ରାମ ବ୍ରାହ୍ମଣସାହିର ଦୁର୍ଯ୍ୟୋଧନ ହରିଚନ୍ଦନ(୫୯), ତାଙ୍କ ଦୁଇ ପୁଅ ଦେବୀପ୍ରସାଦ ହରିଚନ୍ଦନ(୨୫) ଓ ଶକ୍ତିପ୍ରସାଦ ହରିଚନ୍ଦନ(୨୦)।

ପୁଲିସ ସୂଚନା ଅନୁସାରେ, ଧରଣୀ ଓ ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜମିଜମାକୁ ନେଇ ବିବାଦ ଲାଗି ରହିଥିଲା। ଶନିବାର ସକାଳେ ଅଭିଯୋଗକାରୀ ଧରଣୀ ତାଙ୍କ ଡ୍ରାଇଭରଙ୍କୁ ସାଙ୍ଗରେ ନେଇ କାର୍ ଯୋଗେ ଅନୁଗୋଳରୁ ନନ୍ଦନକାନନ ଥାନା ଅନ୍ତର୍ଗତ ବାଲିପଡ଼ା ଗ୍ରାମ ଆର୍‌ଆଇ ଅଫିସକୁ କୌଣସି ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଆସିଥିଲେ। ସେ ଆର୍‌ଆଇ ଅଫିସ ଭିତରେ ଥିବାବେଳେ ଉକ୍ତ ୩ ଜଣ ଆସି ଅଫିସ ଭିତରେ ଜୋର୍‌ଜବରଦସ୍ତ ପଶି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବା ଲାଗି ଧମକ ଦେଇଥିଲେ। ଏଥିସହ ତାଙ୍କୁ ବଳପୂର୍ବକ ଉଠାଇ ନେଇ ଏକ ଘରେ ବନ୍ଦ କରି ରଖିବା ସହିତ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ଗୋଡ଼, ହାତକୁ ବାନ୍ଧି ଠେଙ୍ଗା ଓ କାଠ ଫାଳିଆ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସୂଚନା ପାଇ ପିସିଆର୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଧରଣୀଙ୍କୁ ଆକ୍ରମଣକାରୀଙ୍କ କବଳରୁ ଉଦ୍ଧାର କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ମାମଲାର ତଦନ୍ତ କରିବା ସହିତ ଚଢ଼ଉ କରି ସେମାନଙ୍କୁ ଗିରଫ କରିଥିବାବେଳେ ଅଭିଯୋଗକାରୀଙ୍କ ଲୁଟ୍ ମୋବାଇଲ୍ ଫୋନ୍ ଏବଂ ଘଟଣାରେ ବ୍ୟବହୃତ ଦୁଇଟି ବାଇକ୍‌କୁ ମଧ୍ୟ ଜବତ କରିଥିଲେ।

## ଝାରପଡ଼ା ହାଇସିକ୍ୟୁରିଟି ସେଲ୍‌ରେ 'ସ୍ପାଇଡର'




- **ଖସିଯିବା ଭୟରେ ୱାର୍ଡ ଚାରିପଟେ ପଇଁତରା ମାରୁଛନ୍ତି ସୁରକ୍ଷାକର୍ମୀ**
- **ସୋମବାରଠାରୁ ରିମାଣ୍ଡରେ ଆଣିବ ପୁଲିସ**

ଭୁବନେଶ୍ୱର, ୧୫।୨(ସମିସ): କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି ମାମଲାରେ ଗିରଫ ସ୍ପାଇଡର ଶକ୍ତିକୁ ଝାରପଡ଼ା ଜେଲ୍‌କୁ ପଠାଇଛି ପୁଲିସ। ଝାରପଡ଼ା ସ୍ୱତନ୍ତ୍ର କାରାଗାରର ହାଇ ସିକ୍ୟୁରିଟି ସେଲରେ ତାକୁ ରଖାଯାଇଛି। କଡ଼ା ସୁରକ୍ଷା ବଳୟରେ ଉକ୍ତ ସେଲରେ ରଖାଯାଇଛି। ୨୪ ଘଣ୍ଟିଆ ସିସିଟିଭି ନଜରରେ ସ୍ପାଇଡର ରହିଛି। କୁଖ୍ୟାତ ଲୁଟିଆ ସ୍ପାଇଡରକୁ ନେଇ କାରାଗାର କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଯାଇଛି। ଏ ପାଚେରିରୁ ସେ ପାଚେରି ଡେଇଁ ପଳାଉଥିବା ଲୁଟିଆ ସ୍ପାଇଡର ଉପରେ କାରାଗାର କର୍ତ୍ତୃପକ୍ଷ ସ୍ୱତନ୍ତ୍ର ନଜର ରଖିଛନ୍ତି। ଅନ୍ୟପଟେ ପୁଲିସର ଆବେଦନକୁ ବିଚାର କରି ୫ ଦିନ ରିମାଣ୍ଡରେ ନେବା ଲାଗି ଅନୁମତି ମିଳିସାରିଛି। ଆସନ୍ତା ସୋମବାର ଅଭିଯୁକ୍ତକୁ ହେପାଜତକୁ ଆଣି ପୁଲିସ ଜେରା କରିବ। ତା' ସମ୍ପତ୍ତି ଓ ଆଉ କେଉଁଠୁ ଲୁଟ୍ କରିଥିଲା, ଲୁଟ୍ ତରିକା ସମ୍ପର୍କରେ ତଦନ୍ତକାରୀ ଦଳ ସ୍ପାଇଡରକୁ ପଚରାଉଚରା କରିବେ।

ଏ ରାଜ୍ୟରୁ ସେ ରାଜ୍ୟ ବୁଲି ବୁଲି ସ୍ପାଇଡର ଲୁଟ୍ କରୁଥିଲା। କୋଟିପତିଙ୍କ ଘରେ ପଶି କଳାକନା ବୁଲାଉଥିଲା। ୭୦ ମାମଲାରେ ସମ୍ପୃକ୍ତ ସ୍ପାଇଡରକୁ ଧରିବା ପୁଲିସ ପାଇଁ ଚ୍ୟାଲେଞ୍ଜ ଥିଲା। ନିରଞ୍ଜନଙ୍କ ଘରୁ ଲୁଟ୍‌ର ୧୯ ଦିନ ପରେ ବିଶାଖାପାଟଣାରୁ ଲୁଟିଆକୁ ସ୍ପେଶାଲ୍ ସ୍କ୍ୱାଡ୍ ଧରିଥିଲା। ସ୍ପାଇଡରକୁ ଧରିବା ପାଇଁ ପୁଲିସ ୪୦୦ କ୍ୟାମେରା ଓ ୧୦ ହଜାର ଫୋନ୍ ଯାଞ୍ଚ କରିଥିଲା। ପ୍ରାୟ ୫୦ ଜଣଙ୍କୁ ଜେରା କରିଥିଲା। ଓଡ଼ିଶା, ତେଲଙ୍ଗାନା, ଆନ୍ଧ୍ର ଓ କେରଳରେ ଥିବା କଏଦୀଙ୍କ ତଥ୍ୟ ନେବା ସହ ଫଟୋ ଯାଞ୍ଚ କରିବା ପରେ କେରଳ ଜେଲ୍‌ରୁ ତା' ସମ୍ପର୍କରେ ତଦନ୍ତକାରୀ ଦଳ ଜାଣିବାକୁ ପାଇଥିଲା। ଶେଷରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାର ସ୍ପାଇଡର ଶକ୍ତି ଓରଫ କେ.ସତୀ ରେଡ୍ଡୀକୁ ଧରିବାରେ ପୁଲିସ ସଫଳ ହୋଇଥିଲା। ଲୁଟ୍ ସମ୍ପତ୍ତି ମଧ୍ୟ ପୁଲିସ ଜବତ କରିଥିଲା। ଗୁଗଲ୍‌ରୁ ଯାଞ୍ଚ କରି ଲୁଟ୍ କରୁଥିବା ଜେରାରେ ସେ ସ୍ୱୀକାର କରିଥିଲା। ଘଟଣା ଦିନ ନିରଞ୍ଜନଙ୍କ ପୁଅ-ବୋହୂ ଘରେ ନ ଥିବା ସେ କିପରି ଜାଣିଲା, ତଳ ମହଲା ଓ ଉପର ମହଲାକୁ ନ ଯାଇ ମଝି ମହଲାରୁ ସେ ଲୁଟ୍ କରିଥିଲା। ମଝି ମହଲାରେ କେହି ନ ଥିବା ସେ ଜାଣିଲା କିପରି? ଏଭଳି କିଛି ତଥ୍ୟକୁ ନେଇ ତଦନ୍ତକାରୀ ଦଳ ଅଭିଯୁକ୍ତକୁ ପଚରାଉଚରା କରିବ।

ଜେଲ୍ ସୁରକ୍ଷା ନେଇ ଝାରପଡ଼ା ଜେଲ୍ ଅଧୀକ୍ଷକ ମନୋରଞ୍ଜନ ପ୍ରତିହାରୀ କହିଛନ୍ତି, ସ୍ପାଇଡର୍‌ର ସବୁ କାର୍ଯ୍ୟକଳାପ ଉପରେ ପୁଲିସ ନଜର ରଖିଛି। ବର୍ତ୍ତମାନ ସୁଦ୍ଧା ଜେଲ୍‌ରେ କୌଣସି ଆକ୍ଟିଭିଟି ଦେଖିବାକୁ ମିଳିନି। ହାଇ ସିକ୍ୟୁରିଟି ୱାର୍ଡ ଭିତରେ ରହିଛି ସ୍ପାଇଡର୍। ଲକର୍ ଭିତରେ ସ୍ପାଇଡର୍‌କୁ ରଖାଯାଇଛି। ଲକର୍ ଭିତରେ ତାକୁ ଖାଇବାକୁ ଦିଆଯାଉଛି। କିନ୍ତୁ ଅନ୍ୟ ଅପରାଧୀଙ୍କ ଭଳି ତାକୁ ବାହାରକୁ ଛଡ଼ାଯାଉନି। କାରଣ ତା'ର ଇତିହାସ କହୁଛି ସେ ଜଣେ ଧୁରନ୍ଧର ଚୋର। ତେଣୁ ଆଗାମୀ ଦିନରେ ତା'ର କାର୍ଯ୍ୟକଳାପକୁ ଦେଖି ନିଷ୍ପତ୍ତି ନିଆଯିବ। ଶନିବାର ସକାଳେ ସୁଜି, ତରକାରି, ମଧ୍ୟାହ୍ନରେ ଭାତ, ଡାଲି, ମିକ୍ସ ତରକାରି ଦିଆଯାଇଛି।

### ୩ ବାଲିବୋଝେଇ ହାଇୱା ଜବତ; ୩ ଗିରଫ

ବାଲିଅନ୍ତା, ୧୫।୨(ସମିସ): ବାଲିଅନ୍ତା ଥାନା ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଥାନା ଅଞ୍ଚଳରେ ଚଢ଼ଉ କରି ଦୁଇଟି ବେଆଇନ ବାଲିବୋଝେଇ ହାଇୱା ଜବତ କରିଛି। ଏଥିରେ ଦୁଇ ଚାଳକ ସମେତ ଅନ୍ୟ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅଗ୍ନିଭାଟି ବସ୍ତିରେ ରହୁଥିବା ଭୁବୁନି ନାୟକ(୩୪) ଓ ଉକ୍ତ ଭାଟି ନିକଟରେ ରହୁଥିବା ବୈକୁଣ୍ଠ ନାୟକ। ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ରଙ୍ଗବଜାର ଛକ ନିକଟରେ ଚଢ଼ଉ କରି ଗିରଫ କରିଥିଲା। ଅନୁରୂପ ଭାବେ ଏହି ରାସ୍ତାରେ ବାଲି ନେଇ ଯାଉଥିବା ସହିଦନଗର ଥାନା କେଶୁରା ସ୍ଥିତ ସନ୍ତୋଷୀ ଭାଟି ନିକଟରେ ରହୁଥିବା ସୁଶାନ୍ତ ସାହୁଙ୍କୁ ମଧ୍ୟ ଗିରଫ କରାଯାଇଛି।

### ବିଲେଇକୁ ନେଇ ୨ ପରିବାର ମଧ୍ୟରେ କଳି

ଧଉଳି, ୧୫।୨(ସମିସ): ବିଲେଇକୁ ନେଇ ୨ ପରିବାର ମଧ୍ୟରେ ଉପୁଜିଛି କଳି। ଘଟଣାଟି ଧଉଳି ଥାନା ଅଞ୍ଚଳରେ ଘଟିଥିବାବେଳେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି।

ପ୍ରକାଶ ଯେ, ଗତ ୧୩ ତାରିଖରେ ସରଦେଇପୁର ଗ୍ରାମର ଜନୈକା ମହିଳାଙ୍କ ଘରେ ପଡ଼ୋଶୀଙ୍କ ବିଲେଇ ପଶିଯାଇ ଖଟ ଉପରେ ମଳତ୍ୟାଗ କରିଥିଲା। ସମ୍ପୃକ୍ତ ମହିଳା ଜଣକ କାହାର ଏ ବିଲେଇ ବୋଲି କହିବା ସହ ଗାଳିଗୁଲଜ କରିଥିଲେ। ମାତ୍ର କେହି ଏହାର ଉତ୍ତର ଦେଇ ନ ଥିଲେ। ଫଳରେ ମହିଳା ଜଣକ ବିଲେଇକୁ କବାଟ କିଳି ଦେଇଥିଲେ। କିନ୍ତୁ ଶୁକ୍ରବାର ସମ୍ପୃକ୍ତ ମହିଳା ଜଣକ ଘରେ ନ ଥିବାବେଳେ ପଡ଼ୋଶୀ ବ୍ୟକ୍ତି ଜଣକ ତାଙ୍କ ଘର କବାଟ ଖୋଲି ବିଲେଇକୁ ନେଇଯାଇଥିଲେ। ଏପଟେ ମହିଳା ଘରକୁ ଫେରିବା ପରେ ଘର କବାଟ ଖୋଲାଥିବା ସହ ବିଲେଇ ନ ଥିବା ଦେଖିବାକୁ ପାଇଥିଲେ। ଏଥିସହ ଘରର ଆସବାବପତ୍ର ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିବାକୁ ନେଇ ସମ୍ପୃକ୍ତ ମହିଳା ଓ ତାଙ୍କ ପଡ଼ୋଶୀଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସା ଉଗ୍ରରୂପ ନେବା ସହ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏନେଇ ଘର ଆଲମିରାରୁ ୮ ହଜାର ଟଙ୍କା ଓ ସୁନାଗହଣା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଏହାର ତଦନ୍ତ ଚଳାଇଛି।

# ୟୁଟ୍ୟୁବ୍‌ରୁ ଟଙ୍କା ରୋଜଗାର ନିଶାରେ ଅପରାଧ

**ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ, ପଶୁପକ୍ଷୀଙ୍କୁ କରୁଛନ୍ତି ବ୍ୟବହାର**

**ଟଙ୍କା ପାଇବା ବଦଳରେ ଯାଉଛନ୍ତି ଜେଲ୍**

**ପୁଲିସ ନଜରରେ ୨୬୦ ୟୁଟ୍ୟୁବ୍ ଚ୍ୟାନେଲ୍**

**ଖୁବ୍‌ଶୀଘ୍ର ପୁଲିସ ଆଣିବ ଗାଇଡ୍‌ଲାଇନ୍**

ଭୁବନେଶ୍ୱର, ୧୫।୨(ସମିସ): ୟୁଟ୍ୟୁବ୍‌ରୁ ଟଙ୍କା ରୋଜଗାର ନିଶା ଏବେ ଯୁବପିଢ଼ିଙ୍କୁ ଅପରାଧ ଆଡ଼କୁ ଟାଣି ନେଉଛି। ଖୁବ୍‌ଶୀଘ୍ର ନିଜର ୟୁଟ୍ୟୁବ୍ ଚ୍ୟାନେଲ୍‌ର ଭ୍ୟୁୟର ଏବଂ ସବ୍‌ସ୍କ୍ରାଇବ୍ ବଢ଼ାଇବା ପାଇଁ ସେମାନେ ଯେକୌଣସି ପନ୍ଥାକୁ ଆପଣାଉଛନ୍ତି। ଶେଷରେ ଆଇଟି ଆକ୍ଟକୁ ଉଲ୍ଲଂଘନ କରି ଜେଲ୍ ଯାଉଛନ୍ତି। ଯୁବପିଢ଼ି କଠିନ ପରିଶ୍ରମ ନ କରି ସହଜରେ ୟୁଟ୍ୟୁବ୍‌ରୁ ଟଙ୍କା ରୋଜଗାର କରିବା ସେମାନଙ୍କ ପାଇଁ କାଳ ହେଉଛି। ଯାହାକି ଗତ କିଛିଦିନ ହେବ ଓଡ଼ିଶାର ବିଭିନ୍ନ ଜିଲ୍ଲାଠାରୁ ଆରମ୍ଭ କରି ଭୁବନେଶ୍ୱରରେ ଦେଖିବାକୁ ମିଳିଛି ଏଭଳି ଅନେକ ଘଟଣା। କିଏ ପଶୁପକ୍ଷୀଙ୍କ ସହ ଭିଡିଓ, ଫଟୋ ଉଠାଇ ୟୁଟ୍ୟୁବ୍‌ରେ ଛାଡ଼ି ଟଙ୍କା ରୋଜଗାର କରିବା ବାହାନାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନକୁ ଉଲ୍ଲଂଘନ କରୁଥିବାବେଳେ ଆଉ କେହି ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ କରି ଗିରଫ ହେଉଛନ୍ତି। ଅନେକ ମଧ୍ୟ ବିପଦପୂର୍ଣ୍ଣ ଷ୍ଟଣ୍ଟ, ଖଣ୍ଡା, ବନ୍ଧୁକ ଚାଳନା କରି ଭିଡିଓ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରି ଗିରଫ ହେଉଛନ୍ତି। ଅନେକ ମଧ୍ୟ ୟୁଟ୍ୟୁବ୍‌ରେ ଦେଶ ତଥା ରାଜ୍ୟର ସମ୍ବେଦନଶୀଳ ଘଟଣା ଉପରେ ଭୁଲ୍ ତଥ୍ୟ ଦେଇ ରାତିଆରାତି ପ୍ରସିଦ୍ଧ ହୋଇଯାଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ସେମାନେ ଆଇଟି ଆକ୍ଟରେ ଗିରଫ ହେଉଛନ୍ତି। ଏଭଳି ଭାବେ ଆଇଟି ଆକ୍ଟକୁ ଉଲ୍ଲଂଘନ କରୁଥିବା ୨୬୦ ୟୁଟ୍ୟୁବ୍ ଚ୍ୟାନେଲ୍ ଏବେ ପୁଲିସ ନଜରରେ ରହିଛି। ସେମାନଙ୍କ ସମ୍ପର୍କରେ ତଥ୍ୟ ୟୁଟ୍ୟୁବ୍ ଅଫିସ୍‌କୁ ମାଗିଛି ପୁଲିସ।



### ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ

ଏବେ କିଛି ୟୁଟ୍ୟୁବର ଶିକ୍ଷା ସମ୍ପର୍କରେ ତଥ୍ୟ ଏବଂ ସୂଚନା ଦେବାକୁ ୟୁଟ୍ୟୁବ୍ ଚ୍ୟାନେଲ୍ ଖୋଲିଛନ୍ତି। କିନ୍ତୁ ସେମାନେ ଏହି ଚ୍ୟାନେଲ୍‌କୁ ରାତିଆରାତି ଲୋକପ୍ରିୟ ଏବଂ ଭ୍ୟୁୟର୍ସ ବଢ଼ାଇବା ପାଇଁ ସେମାନେ ମିଛ ତଥ୍ୟ ଦେଉଛନ୍ତି। କେବଳ ମିଛ ତଥ୍ୟ ନୁହେଁ; ପରୀକ୍ଷା ପୂର୍ବରୁ ମଧ୍ୟ ପରୀକ୍ଷା ପତ୍ରକୁ ଭାଇରାଲ କରି ଦେଉଛନ୍ତି। ବିଶେଷକରି ଏହି ୟୁଟ୍ୟୁବ୍ ଚ୍ୟାନେଲ ଖୋଲିଛନ୍ତି କିଛି ଶିକ୍ଷକ ଏବଂ ଶିକ୍ଷାବିତ୍। ତେଣୁ ସେମାନଙ୍କ ଚିହ୍ନାଜଣା ଥିବାରୁ ପ୍ରଶ୍ନପତ୍ର ପାଇ ନିଜ ୟୁଟ୍ୟୁବ୍‌ରେ ଛାଡ଼ି ଦେଉଛନ୍ତି। ଏହିଭଳି ଶୁକ୍ରବାର ସାଇବର ଥାନା ପୁଲିସ ପ୍ରଶ୍ନପତ୍ର ଭାଇରାଲ ମାମଲାରେ ଯାଜପୁର ଟାଉନ୍‌ରେ ଗୋପୀନାଥଜୀଉ ନୋଡାଲ୍ ଉପ୍ରା ବିଦ୍ୟାଳୟର ଶିକ୍ଷକ ଏବଂ ତାଙ୍କ ପତ୍ନୀଙ୍କୁ ଗିରଫ କରିଛି।

### ମାଙ୍କଡ଼, ସାପ, ଘୋଡ଼ା ସହ ଭିଡିଓ କରି ଗିରଫ

ଏହିଭଳି ଟଙ୍କା ରୋଜଗାର କରିବା ପାଇଁ କିଛି ଲୋକ ମାଙ୍କଡ଼ ଏବଂ ସାପ ସହ ବିପଦପୂର୍ଣ୍ଣ ଭାବେ ଭିଡିଓ ପ୍ରସ୍ତୁତ କରି ୟୁଟ୍ୟୁବ୍‌ରେ ଛାଡୁଛନ୍ତି। ଲୋକେ ଏହାକୁ ଦେଖି ମଜା ନେଉଥିବାରୁ ଚ୍ୟାନେଲ୍‌ର ଦର୍ଶକ ସଂଖ୍ୟା ବଢୁଛି। ଯେଉଁଥିପାଇଁ ଭିଡିଓ ଛାଡ଼ିଥିବା ବ୍ୟକ୍ତି ଟଙ୍କା ରୋଜଗାର କରୁଛି। ଏଭଳି ଭିଡିଓକୁ ଲୋକେ ଅଧିକ ଦେଖୁଥିବାରୁ ସେମାନେ ଆହୁରି ଏକାଧିକ ଭିଡିଓ କରି ଛାଡୁଛନ୍ତି। ଯାହାକି ବନ୍ୟପ୍ରାଣୀ ସଂରକ୍ଷଣ ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ନିକଟରେ ସାପଧରାଳି ମିର୍ଜା ଆରିଫ୍ ଭିଡିଓ ଛାଡ଼ି ଗିରଫ ହୋଇଥିବାବେଳେ ଯାଜପୁରର ମୋନାଲିସା ଭଦ୍ରା ଏବଂ ତାଙ୍କ ସ୍ୱାମୀ ବଦ୍ରି ନାରାୟଣ ମାଙ୍କଡ଼ ଓ ଘୋଡ଼ା ସହ ବିଭିନ୍ନ ଭିଡିଓ ୟୁଟ୍ୟୁବ୍‌ରେ ଛାଡ଼ି ଗିରଫ ହୋଇଥିଲେ। ଏହିଭଳି ଅନେକ ବ୍ୟକ୍ତି ମଧ୍ୟ ପଶୁପକ୍ଷୀଙ୍କ ସହ ଭିଡିଓ ପ୍ରସ୍ତୁତ କରି ୟୁଟ୍ୟୁବ୍‌ରେ ଛାଡୁଛନ୍ତି। ସେମାନେ ଏବେ ବନ ବିଭାଗ ସ୍କାନରରେ ଅଛନ୍ତି।

### ଖଣ୍ଡା, ବନ୍ଧୁକ ଚାଳନା ଭିଡିଓ ଭାଇରାଲ

ଅନେକ ବ୍ୟକ୍ତି ଏବଂ ଗ୍ୟାଙ୍ଗ୍ ରାତିଆରାତି ଭାଇରାଲ୍ ହେବା ଲକ୍ଷ୍ୟରେ ଖଣ୍ଡା ବୁଲାଇ ଏବଂ ବନ୍ଧୁକ ଚାଳନା କରି ୟୁଟ୍ୟୁବ୍‌ରେ ଛାଡୁଛନ୍ତି। ଏହି ଭିଡିଓ କରିବା ସମୟରେ ସହରସାରା ଆତଙ୍କ କରୁଛନ୍ତି। ଏହି ଭିଡିଓ ଛାଡ଼ିବା ମାତ୍ରେ ଭାଇରାଲ ହୋଇଯାଉଛି। ଲୋକେ ଏହାକୁ ଦେଖି ଭୟଭୀତ ହେଉଛନ୍ତି। ଶେଷରେ ଆଇଟି ଆକ୍ଟର ଉଲ୍ଲଂଘନ କରି ଗିରଫ ହେଉଛି। କେବଳ ଖଣ୍ଡା ନୁହେଁ; ବିପଦପୂର୍ଣ୍ଣ ଭାବେ ବାଇକ୍ ଷ୍ଟଣ୍ଟ ଏବଂ ରେଳ ଲାଇନ୍‌ରେ ଭିଡିଓ କରି ବନ୍ଧା ହେଉଛନ୍ତି।

### ରୋଷ୍ଟିଂ କରି ଚରିତ୍ର ସଂହାର

ଏବେ ୟୁଟ୍ୟୁବ୍‌ରେ ଏକାଧିକ ଯୁବକ ଏବଂ ମହିଳା ରୋଷ୍ଟିଂ କରୁଛନ୍ତି। ପରସ୍ପର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଚରିତ୍ର ସଂହାର କରୁଛନ୍ତି। ଯେଉଁଥିପାଇଁ ଏହାର ପ୍ରଭାବ ଛୋଟ ଛୋଟ ପିଲାଙ୍କ ଉପରେ ପଡୁଛି। ତେଣୁ ଏନେଇ ମଧ୍ୟ ଭଦ୍ରକରେ ଜଣେ ରୋଷ୍ଟିଂ କରୁଥିବା ଯୁବକ ବନ୍ଧୁକ ଚାଳନା ମାମଲାରେ ଗିରଫ ହୋଇଥିଲେ।

# ଭୁବନେଶ୍ୱର ସିଟି



## ଖଣ୍ଡଗିରି ଯାତ୍ରା ମହାକୁମ୍ଭ

# ଜମୁଛି ଅନ୍ତିମ ପର୍ଯ୍ୟାୟ ଲଢ଼େଇ

ଭୁବନେଶ୍ୱର, ୧୫।୨(ସମିସ): ଲାଇଟ୍, ସାଉଣ୍ଡ ଓ ମ୍ୟୁଜିକ୍ ଭିତରେ କମ୍ଛି ଯାତ୍ରା ପଡ଼ିଆ। ଜୀବନର ବାସ୍ତବତାକୁ ନେଇ ମଞ୍ଚସ୍ଥ ହେଉଛି ନାଟକ; ଯାହା ସମାଜକୁ ନୂଆ ବାର୍ତ୍ତା ଦେବା ସହିତ ଦର୍ଶକଙ୍କ ମନକୁ ମଧ୍ୟ ବେଶ୍ ଛୁଇଁପାରୁଛି। ଖଣ୍ଡଗିରି ଯାତ୍ରା ମହାକୁମ୍ଭର ଅନ୍ତିମ ପର୍ଯ୍ୟାୟରେ ୭ଟି ଯାତ୍ରା ପାର୍ଟି ମଧ୍ୟରେ ଲଢ଼େଇ ଚାଲିଛି। ତୁଳସୀ, କୋଣାର୍କ, ସିଂହବାହିନୀ ମଧ୍ୟରେ ଜୋର୍‌ଦାର ଲଢ଼େଇ ଦେଖିବାକୁ ମିଳିଛି। ସେପଟେ କଳିଙ୍ଗ ଗଣନାଟ୍ୟ, ସ୍ୱପ୍ନମହଲ, ରଙ୍ଗମହଲ ଓ ସ୍ୱର୍ଣ୍ଣମହଲ ମଧ୍ୟ ପଛରେ ପଡ଼ିନାହାନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଲଢ଼େଇରେ ଭାଗ ନେଇଥିବା ଯାତ୍ରା ଦଳଙ୍କ ମଧ୍ୟରୁ କୌଣସି ପାର୍ଟି ଏଯାଏଁ ନାଟକ ବଦଳାଇ ନ ଥିବାବେଳେ ଯାତ୍ରା ଦର୍ଶକଙ୍କ ସଂଖ୍ୟା ମଧ୍ୟ କମିବାର ନାଁ ଧରୁନାହିଁ।



ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ ମଞ୍ଚରେ ତୁଳସୀ ଗଣନାଟ୍ୟ ଲଗାତାର ଷଷ୍ଠ ରାତିରେ ସେଇ ସମାନ ନାଟକ ପରିବେଷଣ କରୁଛି। 'ଜହ୍ନ ରାତିର ଝଡ଼' ବହି ବାରମ୍ବାର ରିପିଟ୍ କରୁଥିବାବେଳେ ହାଉସ୍ ଫୁଲ୍ ମଧ୍ୟ ହେଉଛି। ସନାତନ ସେବା ସମିତି ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ ମଧ୍ୟ ଚତୁର୍ଥ ରାତିରେ 'ମୋ ହସରେ ତୁ ମୋ ଲୁହରେ ତୁ' ନାଟକ ମଞ୍ଚସ୍ଥ ହୋଇଛି। ରତି-ମିଟୁନା, ନଳିନୀ-ଜିତୁ, ମୁନା-ରୁପା, ଝରଣା-ସୁବାସଙ୍କ ଅଭିନୟ ସାଙ୍ଗକୁ ଭେଟେରାନ୍ ଖଳନାୟକ ଦୈତାରୀ ପଣ୍ଡାଙ୍କ ଦମ୍‌ଦାର ଡାଏଲଗ୍ ଶୁଣିବାକୁ ଦର୍ଶକଙ୍କ ଭିଡ଼ ଜମୁଛି। ଇନ୍ଦିରା ସାଂସ୍କୃତିକ ପେଣ୍ଡାଲରେ ଅପେରା ସିଂହବାହିନୀ କମାଲ୍ କରୁଛି। ଚର୍ଚ୍ଚିତ ଯୋଡ଼ି ଟିକି-କାହ୍ନାଙ୍କ ଅଭିନୟ 'ବଡ଼ ବେଦରଦୀ କଳା ସାଆନ୍ତ' ନାଟକ ଦେଖିବାକୁ ଦର୍ଶକଙ୍କୁ ବାଧ କରୁଛି। ଏଥିରେ ଅଜୁ-ଅପୁ ଓ କମେଡ଼ିରେ ଚଗନ, ଧଡ଼ିଆ ଓ କଣ୍ଢେଇଙ୍କ ଅଭିନୟ ମଧ୍ୟ ଦର୍ଶକଙ୍କ ମନକୁ ଛୁଉଁଛି। ମା' ମଙ୍ଗଳା ପେଣ୍ଡାଲରେ ସ୍ୱର୍ଣ୍ଣମହଲ ମଧ୍ୟ ଚତୁର୍ଥ ରାତିରେ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ନାଟକ ପରିବେଷଣ କରିଛି। ସୁବାସ-ଭାବନା, ନବ ଘୋଷଙ୍କ ଚରିତ୍ର ଦର୍ଶକଙ୍କ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।



ସେପଟେ ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚରେ ସ୍ୱପ୍ନମହଲ ଚତୁର୍ଥ ରାତିରେ ମଧ୍ୟ ବହି ବଦଳାଇ ନାହିଁ। 'ଜବାବ୍ ମାଗୁଛି ଉଦଣ୍ଡୀ ସୀତା' ନାଟକ ପରିବେଷଣ କରି ପ୍ରତିଦ୍ୱନ୍ଦ୍ୱୀଙ୍କୁ କଡ଼ା ଫାଇଟ୍ ଦେଉଛି। ଶୁଭେନ୍ଦୁ-ଟିକିନା, ମୁନା-ନମିତା, ନରି ପଣ୍ଡା, ସାନମଣିଙ୍କ ଅଭିନୟ ଯାତ୍ରାପ୍ରେମୀଙ୍କୁ ରାତି ଅନିଦ୍ରା ହେବାକୁ ବାଧ କରୁଛି। ବାବା ନୀଳକଣ୍ଠେଶ୍ୱର ଯାତ୍ରା କମିଟି ମଞ୍ଚରେ ରଙ୍ଗମହଲ ଚତୁର୍ଥ ରାତିରେ ମଧ୍ୟ ସେଇ ନାଟକ ପରିବେଷଣ କରିଛି। 'ପାପ ଜାଣିନି କି ପୁଣ୍ୟ ଜାଣିନି' ନାଟକ ଅନୁଷ୍ଠିତ ହେଉଥିବାବେଳେ ଯାତ୍ରା ଦେଖିବାକୁ ସାରା ରାତି ଉଜାଗର ହୋଇଛନ୍ତି ଦର୍ଶକ। କଳିଙ୍ଗ ସାଂସ୍କୃତିକ ପରିଷଦ ମଞ୍ଚରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ଦ୍ୱିତୀୟ ରାତିରେ ମଧ୍ୟ 'ବାଜିବ ଲୋ ସାହାନାଇ, ତୋରି ପାଇଁ' ନାଟକ ପରିବେଷଣ କରିଛି। ସୁରେଶ ପଣ୍ଡା, ହାପି କର, ମାମା, ପ୍ରିୟଙ୍କା ଓ ସତ୍ୟଙ୍କ ଅଭିନୟ ଦେଖିବାକୁ ପାଇଛନ୍ତି ଦର୍ଶକ।



## ଖଣ୍ଡଗିରି ଗଣ୍ଠି

### ୱାନ୍ ଟିକଟ, ଟୁ ଏଣ୍ଟ୍ରି

ଖଣ୍ଡଗିରିରେ ଯାତ୍ରା ପ୍ରେମୀଙ୍କ ଅଭାବ ନାହିଁ। ବାକି ଯାହା ଅଭାବ ଅଛି ତାହା ହେଉଛି 'ଟିକଟ' ବା 'ପାସ୍'। କିଛି ଲୋକ ରେକର୍ଡ ଡ୍ୟାନ୍ସ ଦେଖିବାକୁ ପସନ୍ଦ କରୁଛନ୍ତି ତ ଆଉ କିଛି ନାଟକ। ଆମ ଜାଣିବାରେ ମୁଖ୍ୟତଃ ଏହି ଦୁଇଟି ଶ୍ରେଣୀର ଦର୍ଶକ ଅଛନ୍ତି। ହେଲେ କମ୍ ଖର୍ଚ୍ଚରେ ବା ଗୋଟିଏ ଗୁଳିରେ ଦିଇଟା ଶିକାର କରିବାର ଏକ ନୂଆ ଉପାୟ ଏବେ ମିଳିଛି। ଏହାକୁ ଦର୍ଶକ କେବଳ ପ୍ରୟୋଗ କରୁନାହାନ୍ତି ବରଂ ସଫଳ ମଧ୍ୟ ହେଉଛନ୍ତି। ଶନିବାର ରାତିର କଥା, ରେକର୍ଡ ଡ୍ୟାନ୍ସ ସାରି ଆମେ ବାହାରକୁ ଆସିଲାବେଳେ ମୁଖ୍ୟ ଫାଟକ ପାଖରେ ଯାତ୍ରା କମିଟିର ଭାଇ ଆମ ହାତରେ ଦି ଖଣ୍ଡ ଗେଟ୍ ପାସ୍ ଧରେଇଦେଲେ। କାହିଁକି ନା ସେହି ଗେଟ୍ ପାସ୍ ଥିଲେ ହିଁ ପୁଣି ଯାତ୍ରା ପେଣ୍ଡାଲକୁ ଫେରିପାରିବେ। ଆମ ପଛେ ପଛେ ଆଉ ଜଣେ ଦର୍ଶକ ମଧ୍ୟ ସମାନ ତରିକାରେ ବାହାରକୁ ଆସିଲେ। ପୂର୍ବରୁ ଗେଟ୍ ବାହାରେ ତାଙ୍କୁ ଅପେକ୍ଷା କରିଥିବା ଆଉ ଜଣେ ଯୁବକଙ୍କୁ ଗେଟ୍ ପାସ୍ ଧରେଇଦେଇ ଚାଲିଗଲେ। ଆମ ମନକୁ ପ୍ରଶ୍ନ ଆସିଲା, ସେ ଗଲେ ତ ଗଲେ, ଅନ୍ୟଜଣଙ୍କୁ କାହିଁ ତାଙ୍କ ଗେଟ୍ ପାସ୍ ଦେଲେ? ଦ୍ୱିତୀୟ ଯୁବକ ଜଣକ ଆଉ କାଳ ବିଳମ୍ବ ନ କରି ସିଧାସଳଖ ମଞ୍ଚ ଭିତରକୁ ଡିଆଁ ମାରିଲେ। ଏଥିରୁ ଆମକୁ ଯାତ୍ରା ଦେଖିବାର ନୂଆ ଫଣ୍ଡା ବା 'ୱାନ୍ ଟିକଟ, ଟୁ ଏଣ୍ଟ୍ରି'ର ଫର୍ମୁଲା ମିଳିଗଲା। ବାହାରେ କିଛି ସମୟ ବିତାଇ ଆମେ ପୁଣି ମଞ୍ଚମୁହାଁ ହେଲୁ।

-ବରୁଣ

# ଓୟୁଟିଆର୍‌ରେ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଏବଂ ଶକ୍ତି ସାକ୍ଷରତା' କର୍ମଶାଳା

ଭୁବନେଶ୍ୱର, ୧୫।୨(ସମିସ): ଓଡ଼ିଶା ଗବେଷଣା ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ଶନିବାର 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଏବଂ ଶକ୍ତି ସାକ୍ଷରତା ସହିତ ମାନକ ଓ ଲେବ୍‌ଲିଂ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଛାତ ଉପରେ ସୌର ପ୍ୟାନେଲ୍ ଲଗାଇବା ପାଇଁ ସରକାରଙ୍କ ଆର୍ଥିକ ସହାୟତା ସମ୍ପର୍କରେ ଅବଗତ କରିବା ସହ ଏହାର ଉପକାରିତା ସମ୍ପର୍କରେ ଆଲୋଚନା କରାଯାଇଛି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ବିଭୂତିଭୂଷଣ ବିଶ୍ୱାଳ ଯୋଗଦେଇ ସୌରଶକ୍ତି ପରି ଅକ୍ଷୟ ଆଗାମୀ ଦିନର ଭବିଷ୍ୟତ ବୋଲି ଉଲ୍ଲେଖ କରିବା ସହ ବ୍ୟାପକ ସଚେତନତାକୁ ଗୁରୁତ୍ୱ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଇଆଇସି (ବିଦ୍ୟୁତ୍) ଏବଂ ପ୍ରମୁଖ ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ ପ୍ୟାରୀମୋହନ ମିଶ୍ର ଯୋଗଦେଇ କାର୍ବନ୍ ଗ୍ୟାସ୍‌ର ଭୟାବହତା ସମ୍ପର୍କରେ ଆଲୋକପାତ କରିବା ସହ ସୌରଶକ୍ତି କାର୍ବନ୍ ନିର୍ଗମନକୁ କିପରି ହ୍ରାସ କରିଥାଏ ସେ ସମ୍ପର୍କରେ ଅବଗତ କରିଛନ୍ତି। ଏହି କର୍ମଶାଳାରେ ପ୍ରଫେସର ଏକେ. ବରିସାଲ, ପ୍ରଫେସର ଲୋକନାଥ ତ୍ରିପାଠୀ, ପ୍ରଫେସର ଶ୍ରୀବସ୍ତ ବେହେରା, ଯୁକେ ରାଉତଙ୍କ ସମେତ ବହୁ ବିଶେଷଜ୍ଞ ନିଜର ମତାମତ ଦେଇଥିଲେ।

# ଶୋଭନୀୟ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୫।୨(ସମିସ): ଶୋଭନୀୟ ପ୍ଲେ ସ୍କୁଲ, ପୋଖରୀପୁଟର ୨୩ତମ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହିଳା ମଣ୍ଡଳ ଅର୍ଥ ସାମାଜିକ କଲ୍ୟାଣ ନିୟୋଗର ସମ୍ପାଦକ ନିବେଦିତା ଶତପଥୀ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ରାମଚଣ୍ଡୀ ପ୍ରସାଦ ରଣସିଂହ ଯୋଗଦେଇଥିଲେ। ପିଲାଙ୍କ ଉପରେ କୌଣସି ଚାପ ପ୍ରୟୋଗ ନ କରି ସେମାନଙ୍କୁ ତାଙ୍କ ପସନ୍ଦର କାର୍ଯ୍ୟ କରିବାକୁ ଦେବା ଉଚିତ୍ ବୋଲି ଅଭିଭାବକମାନଙ୍କୁ କହିବା ସହ ମା'ମାନଙ୍କ ଉପରେ ପ୍ଲେ ସ୍କୁଲ ଆସୁଥିବା ପିଲାମାନଙ୍କ ଦାୟିତ୍ୱ ଏବଂ ବାପାମାନେ କିପରି ନିଜର ପିଲାମାନଙ୍କ ପ୍ରତି କର୍ତ୍ତବ୍ୟ କରିବେ ତାହା କହିବା ସହିତ ବିଦ୍ୟାଳୟରେ ପିଲାଙ୍କ ପ୍ରତି ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କ କିପରି ଦାୟିତ୍ୱ ରହିଛି ତାହା ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ମହାପାତ୍ର ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ସୁଭାଙ୍ଗି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଭା ସତରୁପା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀ, ଅଭିଭାବକ ଓ ଶିକ୍ଷୟିତ୍ରୀମାନଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଶିକ୍ଷୟିତ୍ରୀ ଅରୁନ୍ଧତୀ ଧନ୍ୟବାଦ ଦେଇଥିଲେ।

## ସାକ୍ଷାତ୍କାର

# ଅଭିନୟ କ୍ଷେତ୍ରରେ ପ୍ରଥମେ ଚରିତ୍ରକୁ ଜିଇଁବାକୁ ହୁଏ: ବରୁଣ



**ଚଳଚ୍ଚିତ୍ର ଜଗତରେ ଜଣେ ହାସ୍ୟ ଅଭିନେତାର ଭୂମିକା ନିର୍ବାହ କରିବାକୁ ହେଲେ ପ୍ରଥମେ ସେହି ଚରିତ୍ରକୁ ବଞ୍ଚିବାକୁ ପଡ଼ିଥାଏ। ଦର୍ଶକଙ୍କ ମନୋରଞ୍ଜନ କରିବା ସହ ତାଙ୍କୁ କଳା ବଳରେ ଶେଷ ଯାଏଁ ନିଜ ସହ ବାନ୍ଧି ରଖିପାରିଲେ ହିଁ ଜଣେ ଭଲ ହାସ୍ୟ ଅଭିନେତା କୁହାଯାଇପାରିବ। ସେହିପରି ନିଜ ଉପରେ ଓ ନିଜ ପରିଶ୍ରମ ଉପରେ ବିଶ୍ୱାସ ରଖି କଳାକୁ ନେଇ ବଞ୍ଚୁଥିବା ମଣିଷ ହେଉଛନ୍ତି ବଲିଉଡ୍‌ର ହାସ୍ୟ ଅଭିନେତା ବରୁଣ ଶର୍ମା। ଯେ, କି ଜଣେ ହାସ୍ୟ ଅଭିନେତା ଭାବେ ନିଜର ପ୍ରଥମ ଫିଲ୍ମ ଫୁକ୍‌ରେ ମାଧ୍ୟମରେ ବଲିଉଡ୍‌ରେ ପାଦ ଥାପିଥିଲେ। ନିଜ ଚରିତ୍ରକୁ ବେଶ୍ ନିଖୁଣରେ ସହ ଅଭିନୟ କରି ଆଜି ଦର୍ଶକଙ୍କ ମନରେ ଘର କରିପାରିଛନ୍ତି। ନିକଟରେ ଆୟୋଜିତ ହୋଇଥିବା 'ଜାତି ନନ୍ଦିଘୋଷ କନ୍‌କ୍ଲେଭ-୨୦୨୫' ଅବସରରେ ହାସ୍ୟ ଅଭିନେତା ବରୁଣଙ୍କ ସହ 'ସକାଳ'ର ସ୍ୱତନ୍ତ୍ର ସାକ୍ଷାତ୍‌କାର।**

**ଆପଣ ପ୍ରଥମଥର ଓଡ଼ିଶାର ମନ୍ଦିରମାଳିନୀ ସହରକୁ ଆସିଛନ୍ତି। ଆପଣଙ୍କୁ କେମିତି ଲାଗୁଛି?**

- ହଁ, ମୁଁ ଆଜି ପ୍ରଥମଥର ପାଇଁ ଭୁବନେଶ୍ୱରକୁ ଆସିଛି। ବହୁତ ଖୁସି ଲାଗୁଛି। ଆଗରୁ କେବେ ସୁଯୋଗ ମିଳି ନ ଥିଲା। ମନ୍ଦିରମାଳିନୀ ସହର ଏବଂ ଓଡ଼ିଶାର କଳା ସଂସ୍କୃତିକୁ ଜାଣିବାକୁ ଉତ୍ସାହିତ ଅଛି। ନିଶ୍ଚିତ ଚେଷ୍ଟା କରିବି ଓଡ଼ିଶାର ପ୍ରମୁଖ ଖାଦ୍ୟଗୁଡ଼ିକର ସ୍ୱାଦ ଚାଖିବାକୁ।

**ଜଣେ ହାସ୍ୟ ଅଭିନେତାର ଚରିତ୍ର କେତେ ସହଜ?**

- ମୋ ଘର ପଞ୍ଜାବ। ମୁଁ ଏପରି ପରିବାରରୁ ଆସିଛି, ଯେଉଁଠି ଅଭିନୟ ଦୁନିଆ ବିଷୟରେ କାହାକୁ କିଛି ଜଣାନଥିଲା। ମୋର ପ୍ରଥମ ଅଭିନୟ ହିଁ ହାସ୍ୟ ଚରିତ୍ର ଥିଲା। ଯାହା ପ୍ରକୃତରେ ସହଜ ନ ଥିଲା। କାରଣ ଆପଣ ବର୍ତ୍ତମାନ ଯାହା ଅନୁଭବ କରୁଛନ୍ତି, ପରଦା ଆଗରେ ତା'ଠୁ କିଛି ଭିନ୍ନ ହୋଇ ଦର୍ଶକଙ୍କ ମୁହଁରେ ହସ ଫୁଟାଇବା। ଏଥିରେ ପ୍ରତିଦିନ କିଛି ନୂଆ ବିଷୟବସ୍ତୁକୁ ନେଇ ବଞ୍ଚିବା ପଡ଼ିଥାଏ।

**କମେଡ଼ିର ପ୍ରକୃତ ଅର୍ଥ କ'ଣ?**

- କମେଡ଼ି କିଛି ପାଠ୍ୟକ୍ରମ ନୁହେଁ, କି ଆମେ ପଢ଼ିବା ଏବଂ ଦର୍ଶକଙ୍କ ଆଗରେ ଉପସ୍ଥାପନା କରିଦେବା। ପ୍ରତିଦିନ ନିଜ କଳା ମାଧ୍ୟମରେ କିଛି ନୂଆ କରିବା ସହ ଦର୍ଶକଙ୍କୁ ନିଜ ସହ ବାନ୍ଧି ରଖିବାକୁ ପଡ଼ିଥାଏ। ସେହି ଚରିତ୍ରକୁ ସେହି ସମୟରେ ବଞ୍ଚିବାକୁ ହୁଏ। ତେବେ ହିଁ ସେ ଚରିତ୍ରକୁ ଲୋକ ଆପଣେଇପାରନ୍ତି। କୌଣସି ସିନେମାରେ ମୁଖ୍ୟ ଭୂମିକାରେ ଥିବା ନାୟକ, ନାୟିକାଙ୍କ ଭୂମିକା ପରି ଜଣେ ହାସ୍ୟ ଅଭିନେତାର ଚରିତ୍ର ମଧ୍ୟ ସେତିକି ଗୁରୁତ୍ୱ ବହନ କରିଥାଏ।

**ଯଦି ଆପଣଙ୍କୁ କେବେ ଓଡ଼ିଆ ସିନେମା କରିବାକୁ ସୁଯୋଗ ମିଳେ, କେଉଁ ଚରିତ୍ର ବାଛିବେ?**

- ନିଶ୍ଚିତ ଭାବେ କେବେ ଏମିତି ସୁଯୋଗ ମିଳିଲେ ମୁଁ ଖୁସି ହେବି। ଓଡ଼ିଆ ସିନେମାରେ ଅଭିନୟ କରିବା ମୋ ପାଇଁ ଗର୍ବର କଥା। ଗୋଟେ ନୂଆ ଭାଷା ଶିଖିବା ଓ ସେଥିରେ ଅଭିନୟ କରିବା ଏକ ଚ୍ୟାଲେଞ୍ଜ ବୋଲି କୁହାଯାଏ। ହେଲେ ମୋ ମାନିବାରେ ଇଚ୍ଛା ଆଉ ଆଗ୍ରହ ଥିଲେ ଭାଷା କେବେ ପ୍ରତିବନ୍ଧକ ହୋଇପାରେନା। ବାକି ପସନ୍ଦର ଚରିତ୍ର ବାଛିଲେ, ଏଠାରେ ମଧ୍ୟ ମୁଁ ହାସ୍ୟ ଅଭିନେତାର ଚରିତ୍ର ହିଁ ବାଛିବି।

**ବଲିଉଡ୍‌ର ହାସ୍ୟ ଅଭିନେତା ବରୁଣ ଶର୍ମା ପ୍ରକୃତ ଜୀବନରେ କେମିତି?**

- ପରଦା ଆଗରେ ଦର୍ଶକ ସବୁବେଳେ ମୋତେ ଏକ ହାସ୍ୟ ଅଭିନେତା ଭାବେ ଦେଖି ଆସିଛନ୍ତି। ଯିଏ ସବୁବେଳେ ହସୁଥାଏ ଏବଂ ହସାଉଥାଏ। କିନ୍ତୁ ପ୍ରକୃତରେ ମୁଁ ଇମୋସ୍‌ନାଲ ମଣିଷ। ଯିଏ ଛୋଟ ଛୋଟ କଥାରେ ଭାବବିହ୍ୱଳ ହୋଇଯାଏ। ମୋତେ କାମ ବ୍ୟତୀତ ନିଜ ପରିବାର ସହ ସମୟ ବିତାଇବା ଏବଂ ଘରର ଖାଦ୍ୟ ବହୁତ ପସନ୍ଦ।

**ପ୍ରସ୍ତୁତି: ସଂପୂର୍ଣ୍ଣା ଦାସ ଓ ରଞ୍ଜନା ନାୟକ**

# ଅବହେଳିତ 'ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମାଟିକ୍ସ'

- **ଦୁଇ ତୃତୀୟାଂଶ ଅଧ୍ୟାପକ ପଦ ଖାଲି**
- **ପାଠପଢ଼ା ଓ ଗବେଷଣା କାର୍ଯ୍ୟ ବାଧାପ୍ରାପ୍ତ**

ଭୁବନେଶ୍ୱର, ୧୫।୨(ସମିସ): ଅବହେଳିତ ହୋଇ ପଡ଼ିଛି ଇନ୍‌ଷ୍ଟିଚ୍ୟୁଟ ଅଫ୍ ମ୍ୟାଥ୍‌ମାଟିକ୍ସ। ଦୁଇ ତୃତୀୟାଂଶ ଅଧ୍ୟାପକ ପଦ ଖାଲି ପଡ଼ିଛି। କାର୍ଯ୍ୟରତ ଅଧ୍ୟାପକଙ୍କୁ ମଧ୍ୟ ବିଭିନ୍ନ ସୁବିଧାସୁଯୋଗ ମିଳୁନାହିଁ। ସେହିପରି ଅଣଶିକ୍ଷକ କର୍ମଚାରୀଙ୍କୁ ମୂଳରୁ ନିଯୁକ୍ତି ଦିଆଯାଇନି। ଫଳରେ ୨୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଠେଲି ହେଉଥିବାବେଳେ ପ୍ରାୟ ୧୦ ଜଣ ପିଏଚ୍‌ଡି କରୁଥିବା ଛାତ୍ରଛାତ୍ରୀଙ୍କ ଗବେଷଣା ବାଟବଣା ହୋଇଛି।

ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ଅଧୀନ ଏହି ଅନୁଷ୍ଠାନରେ ମୋଟ୍ ୨୦ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ଥିବାବେଳେ ମାତ୍ର ୭ ଜଣ କାର୍ଯ୍ୟରତ ଅଛନ୍ତି। ତନ୍ମଧ୍ୟରୁ ୪ ଜଣଙ୍କୁ ଚାକିରି ସର୍ତ୍ତାବଳୀ ସହିତ ଅନ୍ୟ ସୁବିଧାସୁଯୋଗ ନ ଥିବାରୁ ପାଠପଢ଼ା ଆଗେଇ ପାରୁନାହିଁ। ସର୍ବଭାରତୀୟ ଯୋଗ୍ୟତାଭିତ୍ତିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଏଠାରେ ନାମ ଲେଖାଉଥିବା ଛାତ୍ରଛାତ୍ରୀମାନେ ପ୍ରମାଦ ଗଣୁଛନ୍ତି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଫୋରମ୍‌ରେ ଦାବି ଜଣାଉଥିଲେ ବି ସରକାର କର୍ଣ୍ଣପାତ କରୁ ନ ଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ନିର୍ଦ୍ଦେଶକ ଥିବା ଯଶୋବନ୍ତ ଜେନା ନିଜସ୍ୱ ପ୍ରଚେଷ୍ଟାରେ କିଛି ଉନ୍ନତିମୂଳକ କାର୍ଯ୍ୟ କରୁଥିଲେ ବି ସମୁଦ୍ରକୁ ଶଙ୍ଖେ ଭଳି ଲାଗୁଛି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସମେତ ରାଜ୍ୟ ସରକାର ଓ ବିଭାଗୀୟ ମନ୍ତ୍ରୀ ଅନୁଷ୍ଠାନର ପୁନଃଉଦ୍ଧାର କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

# ମାଗଣା ଚକ୍ଷୁ ଚିକିତ୍ସା ଶିବିର



ବାଲିଅନ୍ତା, ୧୫।୨(ସମିସ): ପୁରୁଣା ଭୁବନେଶ୍ୱର ସ୍ଥିତ ମୁନ୍ ଆଇ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ବାଲିଅନ୍ତା ବ୍ଲକ ଅଧୀନ ରଣପୁର, କାଜିପୁର ଓ ବ୍ରାହ୍ମଣସୁଆଁଲୋ ଗ୍ରାମ କୋଠଘରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୮୬ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧପତ୍ର ଓ ଚଷମା ବଣ୍ଟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୬ ଜଣ ବୟସ୍କ ବ୍ୟକ୍ତିଙ୍କ ମୋତିଆବିନ୍ଦୁ ମାଗଣା ଅସ୍ତ୍ରୋପଚାର ନେଇ ସ୍ଥିର ହୋଇଥିଲା। ଡାକ୍ତର ଶିବ ନାରାୟଣ ଶତପଥୀ, ଭାଗ୍ୟଲକ୍ଷ୍ମୀ ପରିଡ଼ା ଓ ଉଷାରାଣୀ ଜେନା ପରୀକ୍ଷାନିରୀକ୍ଷା କରାଇଥିଲେ। କୈଳାଶ ଚନ୍ଦ୍ର ବେହେରା ଶିବିର ପରିଚାଳନା କରିଥିଲେ।

## ବୈଷ୍ଣବ ପରିଡ଼ାଙ୍କ ୮୪ତମ ଜୟନ୍ତୀ ସମାରୋହ

# 'ଗଣଆନ୍ଦୋଳନ ଓ ଗଣବିଚାରର ପ୍ରତୀକ ଥିଲେ ବୈଷ୍ଣବ'



ଭୁବନେଶ୍ୱର, ୧୫।୨(ସମିସ): ଜଣେ ଲଢୁଆ ରାଜନୀତିଜ୍ଞ, ସଫଳ ସୃଜନସ୍ରଷ୍ଟା, ଦକ୍ଷ ଅନୁବାଦକ ଓ ବିଖ୍ୟାତ ଭାଷାକର୍ମୀ ଭାବରେ ତାଙ୍କ ଜୀବଦ୍ଦଶାରେ ବେଶ୍ ଚର୍ଚ୍ଚିତ ଥିଲେ ସ୍ୱର୍ଗତ ବୈଷ୍ଣବ ପରିଡ଼ା। ଏକଦା 'ଭାଷା ସୁରକ୍ଷା ସମ୍ମିଳନୀ'ର ପ୍ରତିଷ୍ଠାତା ସଭାପତି ଭାବରେ ସେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିବା ସହ ନିଜ ଭାଷା ପ୍ରତି ଅଙ୍ଗୀକାର ଓ ମାଟି ପ୍ରତି ପ୍ରତିବଦ୍ଧତାର ପରିଚୟ ଦେଇଥିଲେ। ଶନିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ବୈଷ୍ଣବ ପରିଡ଼ାଙ୍କ ୮୪ତମ ଜୟନ୍ତୀ ସମାରୋହରେ ଯୋଗଦେଇ ଅତିଥିମାନେ ସ୍ୱର୍ଗତ ପରିଡ଼ାଙ୍କୁ ସ୍ମରଣ କରି ତାଙ୍କୁ ଜଣେ ବିଶିଷ୍ଟ ରାଜନେତା, ସୁସାହିତ୍ୟିକ ଓ ଭାଷା ସୁରକ୍ଷା ଆନ୍ଦୋଳନର କର୍ଣ୍ଣଧାର ଭାବେ ବର୍ଣ୍ଣନା କରିବା ସହ ଗଣଆନ୍ଦୋଳନ ଓ ଗଣବିଚାରର ପ୍ରତୀକ ଥିଲେ ବୈଷ୍ଣବ ପରିଡ଼ା ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇ 'ଭାରତୀୟ ସମ୍ବିଧାନ ଓ ଆମ ଆଞ୍ଚଳିକ ଭାଷା' ଶୀର୍ଷକ ଚତୁର୍ଥ ବୈଷ୍ଣବ ପରିଡ଼ା ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଅମିତାଭ ଖିଲାର ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ବାସୁଦେବ ଦାସ। ଏହି ଅବସରରେ ବିଶିଷ୍ଟ ଭାଷାକର୍ମୀ ଦଣ୍ଡପାଣି ମହାପାତ୍ରଙ୍କୁ ବୈଷ୍ଣବ ପରିଡ଼ା ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ଉପଢ଼ୌକନ, ମାନପତ୍ର ଓ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବା ସହ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ସ୍ୱର୍ଗତ ପରିଡ଼ାଙ୍କ କନ୍ୟା ଲୁନିତା ବାରିକ। ବିଶ୍ୱନାଥ ବେହେରା ଧନ୍ୟବାଦ ଦେଇଥିଲେ।

## 'ମୋ ବସ୍' ଦୁର୍ଘଟଣା ପରେ ସିସିଟିଭି ଫୁଟେଜ୍ ସଂଗ୍ରହ କଲା ଟେକ୍ନିକାଲ ଟିମ୍

# ନିଜ ଭୁଲ୍‌କୁ ସାର୍ବଜନୀନ କରିବାରେ କ୍ରୁଟ୍‌ର ପଛଘୁଞ୍ଚା

ଭୁବନେଶ୍ୱର, ୧୫।୨(ସମିସ): ଶୁକ୍ରବାର ରାତିରେ 'ମୋ ବସ୍' ଦୁର୍ଘଟଣା ଘଟାଇବା ପରେ କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)ର ଏକ ଟେକ୍ନିକାଲ ଟିମ୍ ବସ୍‌ରେ ଲାଗିଥିବା ସିସିଟିଭି କ୍ୟାମେରାର ଭିଜୁଆଲ ସଂଗ୍ରହ କରିଛି। ଟେକ୍ନିକାଲ ଟିମ୍‌ର ସଦସ୍ୟ ପୂର୍ବାହ୍ନରେ ତମାଣ୍ଡୋ ଥାନାକୁ ଯାଇ ଜବତ ବସ୍‌ରେ ଲାଗିଥିବା ସିସିଟିଭିର ହାର୍ଡ ଡ୍ରାଇଭ୍‌ରୁ ଦୁର୍ଘଟଣା ସମୟରେ କଏଦ ଦୃଶ୍ୟକୁ ସଂଗ୍ରହ କରିଛନ୍ତି। କିନ୍ତୁ ଏହାକୁ କ୍ରୁଟ୍ ସାର୍ବଜନୀନ କରିନାହିଁ। ଦୁର୍ଘଟଣା ସମୟର ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ ଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହୁଥିବାବେଳେ ଏହି ଘଟଣାରେ 'ମୋ ବସ୍' ଚାଳକଙ୍କ ଭୁଲ୍ ଥିବାରୁ କ୍ରୁଟ୍ ପକ୍ଷରୁ ଏହି ସିସିଟିଭି ଫୁଟେଜ୍‌କୁ ସାର୍ବଜନୀନ କରାଯାଉ ନ ଥିବା କୁହାଯାଉଛି। ଯେଉଁଠି ମୋ ବସ୍‌ର ଭୁଲ୍ ନ ଥାଏ, ସେଠି କ୍ରୁଟ୍ ପକ୍ଷରୁ ଭିଡିଓ ଜାରି କରାଯାଇ ଅନ୍ୟ ଉପରେ ଦୋଷ ଠେଲିଦିଆଯାଏ। କିନ୍ତୁ ନିଜ କର୍ମଚାରୀଙ୍କ ଭୁଲ୍‌କୁ ସାର୍ବଜନୀନ କରିବାରେ କ୍ରୁଟ୍ ପଛଘୁଞ୍ଚା ଦେଉଛି। ଦୁର୍ଘଟଣା ସମୟରେ ବସ୍‌ର ବେଗ କେତେ ଥିଲା, ଡ୍ରାଇଭର ଜଣକ ମଦ୍ୟପାନ କରି ଗାଡ଼ି ଚଳାଉଥିଲା ନା ନାହିଁ। ଏନେଇ କ୍ରୁଟ୍ କର୍ତ୍ତୃପକ୍ଷ ମୁହଁ ଖୋଲୁ ନ ଥିବା ନଜରକୁ ଆସିଛି।



### ଦୁର୍ଘଟଣାର କାରଣ ଖୋଜିବ ସ୍ୱତନ୍ତ୍ର କମିଟି: କ୍ରୁଟ୍

ରାଜଧାନୀରେ ବାରମ୍ବାର ମୋ ବସ୍ ଦୁର୍ଘଟଣା ଘଟାଉଛି। ବେପରୁଆ ଗାଡ଼ିଚାଳନା ସହ ଦକ୍ଷତା ନ ଥିବା ଚାଳକଙ୍କ ଲାଗି ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ଅଭିଯୋଗ ହେଉଥିବାବେଳେ ଶୁକ୍ରବାର ଘଟିଥିବା ମୋ ବସ୍ ଦୁର୍ଘଟଣାର ତଦନ୍ତ ସ୍ୱତନ୍ତ୍ର କମିଟି କରିବ ବୋଲି ମୋ ବସ୍ ପରିଚାଳନା ସଂସ୍ଥା କ୍ରୁଟ୍ ପକ୍ଷରୁ ପ୍ରକାଶ ପାଇଛି। କ୍ରୁଟ୍‌ର ଟେକ୍ନିକାଲ୍ ଟିମ୍ ଦୁର୍ଘଟଣା ସମୟର ସିସିଟିଭି ଫୁଟେଜ୍ ସଂଗ୍ରହ କରିଛି। ଦୁର୍ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି।

### ମନ୍ତ୍ରୀ ଓ ବିଭାଗୀୟ ନିର୍ଦ୍ଦେଶକୁ ଖାତିର୍ ନାହିଁ

ଥରେ କି ଦୁଇଥର ନୁହେଁ 'ମୋ ବସ୍' ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଛି। ଫଳରେ ସରକାର ବସ୍‌ର ବେଗ ନିୟନ୍ତ୍ରଣ କରିବାକୁ ନିଷ୍ପତ୍ତି ନେଲେ। ନିଷ୍ପତ୍ତି ଅନୁସାରେ ବସ୍‌ର ବେଗ ଘଣ୍ଟା ପ୍ରତି ୪୦ କିଲୋମିଟର ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏହାପରେ ଦୁର୍ଘଟଣା କମିବ କ'ଣ ବରଂ ବଢ଼ିବାରେ ଲାଗିଛି। ମାସ ଆରମ୍ଭରୁ ପ୍ରଥମେ ନନ୍ଦନକାନନ ପାଖରେ ଜଣେ ନାବାଳିକା ଉପରେ ମୋ ବସ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଉତ୍ତେଜନା ବୃଦ୍ଧି ପାଇବା ପରେ ଡ୍ରାଇଭର ଗିରଫ ହୋଇଥିଲେ। ଏବେ ପୁଣି ଜଣେ ମହିଳାଙ୍କ ଜୀବନ ଯାଇଛି। ଯାହାପରେ ବିଭାଗୀୟ ମନ୍ତ୍ରୀ ଓ ବିଭାଗ ପକ୍ଷରୁ ଜାରି ହୋଇଥିବା ଗାଇଡ୍‌ଲାଇନ୍‌କୁ ମୋ ବସ୍ ଚାଳକମାନେ ଖାତିର୍ କରୁନଥିବା ନଜରକୁ ଆସିଛି।



# ପରିଣତ ବୟସରେ ପରିବାର ଚିନ୍ତା




ଭୁବନେଶ୍ୱର, ୧୫।୨(ସମିସ): ମନରେ ସାହସ ଥିଲେ ଯେ କୌଣସି କାମ ବି ସହଜରେ କରିହୁଏ। ଏଥିପାଇଁ ବୟସର ଆବଶ୍ୟକତା ନ ଥାଏ। ବିଶେଷକରି ପରିବାରର ଚିନ୍ତା ରହିଲେ ସବୁ କାମ ସମ୍ଭବ ହୋଇପାରିବ। ଯାହାକି ସହରର ବିଭିନ୍ନ ସ୍ଥାନରେ ଥିବା ହାଟ, ମାର୍କେଟ୍‌ରେ ମହିଳାମାନଙ୍କୁ ବେପାର କରିବାର ଦେଖିବାକୁ ମିଳେ। ପରିଣତ ବୟସରେ ବି ପରିବାର ଚିନ୍ତା ମୁଣ୍ଡେଇ ପସରା ମେଲେଇ ବେପାର କରିବାରେ ଲାଗିପଡ଼ନ୍ତି। ଲିଙ୍ଗରାଜ ମନ୍ଦିର ଚାରିପାଖରେ ଅନେକ ମହିଳାଙ୍କୁ ଫୁଲ, ବେଲପତ୍ର, ନଡ଼ିଆ, ତୁଳସୀପତ୍ର, ଅରଖ ଫୁଲ, ଗେଣ୍ଡୁଫୁଲ ଆଦି ବିକ୍ରି କରୁଥିବାର ଦେଖିବାକୁ ମିଳେ। ଏହି ମହିଳାଙ୍କ ମଧ୍ୟରେ କିଛି ଜଣ ବୃଦ୍ଧା ବି ରହିଛନ୍ତି। ଏହି ମହିଳାମାନେ ପ୍ରତିଦିନ ବଡ଼ି ଭୋର୍‌ରୁ ପୂଜା ସାମଗ୍ରୀ ନେଇ ଚାଲିଆସିଥା'ନ୍ତି। ଖରା ମୁଣ୍ଡ ଉପରକୁ ଗଲେ ଯେତିକି ଯାହା ରୋଜଗାର ହୋଇଥାଏ ସେତିକିରେ ଫେରିଥା'ନ୍ତି। ଆଉ ଯେଉଁଦିନ ପର୍ବପର୍ବାଣୀ କିମ୍ବା ସଂକ୍ରାନ୍ତି ଥାଏ ସେହିଦିନ ଡେରି ପର୍ଯ୍ୟନ୍ତ ବେପାରୀ ପସରା ମେଲି ବସିଥା'ନ୍ତି। ଏହିସବୁ ମହିଳାମାନେ ସହର ଉପକଣ୍ଠ ଗାଁମାନଙ୍କରୁ ଆସୁଥିବାବେଳେ ଆଉ କିଛି ଜଣ ପିପିଲି, ଦାଣ୍ଡମୁକୁନ୍ଦପୁର, ସାତସଙ୍ଖ, ବଳଙ୍ଗା ଆଦି ଅଞ୍ଚଳରୁ ଆସିଥା'ନ୍ତି।



ଏନେଇ ରୂପ ପ୍ରଧାନ ନାମକ ଜଣେ ମହିଳାଙ୍କ କହିବା କଥା, ପରିବାର ଚଳେଇବା ପାଇଁ ଏହିସବୁ କରିବାକୁ ପଡୁଛି। ଏଥିରୁ ଯାହା ବେପାର ହୁଏ, ସେଥିରେ ତିନି ଛୁଆଙ୍କ ପଢ଼ା ଖର୍ଚ୍ଚ ସହିତ ଅନ୍ୟ ଖର୍ଚ୍ଚ ମଧ୍ୟ ତୁଲାଇବାକୁ ପଡୁଛି। ଆହୁରି ମଧ୍ୟ କହିଛନ୍ତି, ଏହି ପରିଣତ ବୟସରେ ପରିବାରର ଚିନ୍ତା ଅଧିକ ରହୁଛି। ଯାହା ଫଳରେ ଦିନବେଳା ଏହି ସ୍ଥାନରେ ଫୁଲ, ବେଲପତ୍ର ଆଦି ବିକ୍ରି କରୁଥିବାବେଳେ ରାତିବେଳା ଘର ପାଖରେ ଖାଇବା ଜିନିଷ ବିକ୍ରି କରିଥାଏ। ଅନ୍ୟଜଣେ ମହିଳା ବାସନ୍ତି ତରେଇ କୁହନ୍ତି, ଭଗବାନ ଯେତେ ପର୍ଯ୍ୟନ୍ତ ବଞ୍ଚେଇ ରଖିଛନ୍ତି ସେତେପର୍ଯ୍ୟନ୍ତ ଏହି ସ୍ଥାନରେ ବସି ବେପାର କରିବି। ଘର କଟକ ଜିଲ୍ଲାରେ। ସ୍ୱାମୀ ଚାଲିଗଲା ପରେ ମହାପ୍ରଭୁଙ୍କ ପାଖରେ ଆସି ଆଶ୍ରା ନେଲି। ଅନ୍ୟ କାହା ଆଗରେ ହାତ ପତେଇବାକୁ ଭଲ ଲାଗିଲା ନାହିଁ। ଏବେ ଦୁଇ ବର୍ଷ ହେଲାଣି ଏହି ବେପାର କରୁଛି। ଘରେ କେହି ନାହାନ୍ତି। ଯାହା ଯେତିକି ରୋଜଗାର ହେଉଛି ସେତିକିରେ ଚଳିଯାଉଛି ବୋଲି ସେ କହିଛନ୍ତି।

## ଖଣ୍ଡଗିରି ମେଳାରେ ରନ୍ଧାଖାଦ୍ୟ ବଣ୍ଟନ



ଭୁବନେଶ୍ୱର, ୧୫।୨(ସମିସ): ଖଣ୍ଡଗିରି ଯାତ୍ରାରେ ଅସମ୍ଭବ ଭିଡ଼ ଜମୁଥିବାବେଳେ ବହୁ ଲୋକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି। ସେମାନଙ୍କ ସୁବିଧା ଅସୁବିଧାରେ ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ନିମନ୍ତେ ସେବା ସହଯୋଗ ସଚେତନ ଟ୍ରଷ୍ଟ ତରଫରୁ ସାଧାରଣ ଜନତା ଓ ଦର୍ଶନାର୍ଥୀମାନଙ୍କ ପାଇଁ ନିଃଶୁଳ୍କ ଖାଦ୍ୟ ସହ ଶୋଷ ମେଣ୍ଟାଇବା ଲାଗି ଦହି ସରବତ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ବିଶେଷକରି ଖଣ୍ଡଗିରି ମେଳାରେ ଚୋରଙ୍କ ପ୍ରାଦୁର୍ଭାବ ବଢୁଥିବାରୁ ଲୋକମାନେ ଖଣ୍ଡଗିରି ମେଳାରୁ କିଣୁଥିବା ବିଭିନ୍ନ ଦ୍ରବ୍ୟ ଓ ସାମଗ୍ରୀ କିପରି ଚୋରଙ୍କଠାରୁ ରକ୍ଷା କରାଯାଇ ପାରିବ, ସେନେଇ ମେଳାରେ ସଚେତନ କରାଯାଇଥିଲା। ସଂଗଠନର କର୍ମୀ ସଞ୍ଜୟ ପଟ୍ଟନାୟକ, ବାଳକୃଷ୍ଣ ରାଉତ, ସୁକାନ୍ତ ମହାନ୍ତି, କପିଳ ଚନ୍ଦ୍ର ସାହୁ, ବାପି, ଚନ୍ଦ୍ର, ମିନାକ୍ଷୀ, ହର୍ଷ ପ୍ରମୁଖ ସଂଗଠନର କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିବା ସହିତ ସମସ୍ତ ସହଯୋଗ କରିଥିଲେ।

## ଲାୟନ୍ସ କ୍ଲବ୍‌ର ସ୍ୱନକ୍ଷତ୍ର ଦିବସ




ଭୁବନେଶ୍ୱ, ୧୫।୨(ସମିସ): ଲାୟନ୍ସ କ୍ଲବ୍, ଭୁବନେଶ୍ୱରର ସ୍ୱନକ୍ଷତ୍ର ଦିବସ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ ଜିଲ୍ଲା ଗଭର୍ଣ୍ଣର ଲାୟନ୍ ସରସ୍ୱତୀ ପାତ୍ର, ଏମ୍‌ଜେଏଫ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମାଜର ଦଳିତ, ନିସ୍ପେଷିତ, ବାସହରା ଏବଂ ଦିଗହରା ବ୍ୟକ୍ତିମାନଙ୍କୁ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଇ ପାରିବ ଏହା ହିଁ ଲାୟନ୍ସ ସଭ୍ୟମାନଙ୍କର ମୁଖ୍ୟ ବ୍ରତ ହେଉ ବୋଲି ମୁଖ୍ୟ ଅତିଥି ମତ ଦେଇଥିଲେ। ଜିଲ୍ଲା ଗଭର୍ଣ୍ଣର ନୟାପଲ୍ଲୀ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ପରିଦର୍ଶନ କରି ଆନନ୍ଦିତ ହେବା ସହିତ ଏହାକୁ ଆହୁରି ଦକ୍ଷ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କ୍ଲବ୍‌ର ସଭାପତି ଲାୟନ୍ ଡ. ବିପିନ ବିହାରୀ ମିଶ୍ର, ଏମ୍‌ଜେଏମ୍ ସମ୍ପାଦନ ଲାୟନ୍ ଇଂ ଅଶ୍ୱିନୀ ସେନାପତି, ଏମ୍‌ଜେଏଫ୍ କୋଷାଧ୍ୟକ୍ଷ ଲାୟନ୍ ବିପିନ ବିଶ୍ୱାଳ, ଆଞ୍ଚଳିକ ଅଧ୍ୟକ୍ଷ ଲାୟନ୍ ଅଶୋକ ଅଗ୍ରୱାଲା, ମଣ୍ଡଳ ଅଧ୍ୟକ୍ଷ ଲାୟନ୍ ତପନ ହରିଚନ୍ଦନ, ଏମ୍‌ଜେଏଫ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ସମାରୋହରେ ୧୯୭୪ ମସିହାରୁ ପ୍ରାଥମିକ ସଦସ୍ୟ ଭାବେ ଦୀର୍ଘ ୫୯ ବର୍ଷର ନିରବଚ୍ଛିନ୍ନ ସଦସ୍ୟତା ପାଇଁ ବିଶିଷ୍ଟ ସମାଜସେବୀ ଲାୟନ୍ ଏସ୍. କେ. ଝୁନ୍‌ଝୁନ୍‌ୱାଲାଙ୍କୁ ଲାୟନ୍ ଗଭର୍ଣ୍ଣର ସମ୍ମାନିତ କରିଥିଲେ। କ୍ଲବ୍ ତରଫରୁ ଲାୟନ୍ସ ଜିଲ୍ଲା ପୂର୍ବତନ ଗଭର୍ଣ୍ଣରମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାକୁ ଲାୟନ୍ ଧୀରେନ ଧଳ, ଏମ୍‌ଜେଏଫ୍ ଲାୟନ୍ ନିବେଦିତା ମହାପାତ୍ର ପରିଚାଳନା କରିଥିଲେ। ଲାୟନ୍ ରାମପ୍ରସାଦ ପାତ୍ର ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ବାର୍ଷିକ ଉତ୍ସବ




ନନ୍ଦନକାନନ, ୧୫।୨(ସମିସ): ଭୁବନେଶ୍ୱର ଉତ୍ତର ପଟିଆସ୍ଥିତ ଥିବା ସରସ୍ୱତୀ ଇଣ୍ଟରନ୍ୟାସ୍‌ନାଲ ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଗୋପାଳ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ କର୍ପୋରେଟର ମିହିର କୁମାର ରାଉତ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରାଜେଶ କୁମାର ପାଣି, ମୁଖ୍ୟବକ୍ତାଭାବେ ମୋଟିଭେସନାଲ ସ୍ପିକର ସଂଗ୍ରାମଜିତ୍ ଦାସ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମାହାତ୍ମ୍ୟ, ସୁମଣିଷ ହେବା ପାଇଁ ପ୍ରେରଣା ଦେବା ସହ ସେମାନଙ୍କର ଜୀବନ ସରସ ସୁନ୍ଦର ଓ ସୁଖମୟ ହେବାପାଇଁ କାମନା କରିଥିଲେ। ପ୍ରିନ୍ସପାଲ ପି. ରାଜେଶ୍ୱରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲିଅନ୍ତା, ୧୫।୨(ସମିସ): ବାଳକାଟି ପ୍ରତାପ ଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଗତ ବର୍ଷରେ ମାଟ୍ରିକ୍ ପରୀକ୍ଷାରେ ସଫଳତା ଲାଭ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ମଧୁସ୍ମୃତି ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଲୀନା ପଟ୍ଟନାୟକ ଅଧ୍ୟକ୍ଷତା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ସଫଳ ହାସଲ ନେଇ ପ୍ରୋତ୍ସାହିତ କରିଥିଲେ। ପୂର୍ବତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ବର୍ତ୍ତମାନର ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳାର ମନ୍ତ୍ର, ଗୁରୁ-ଶିଷ୍ୟ ପରମ୍ପରା ଓ ସଫଳତା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଚେତନ କରାଇଥିଲେ। ପୂର୍ବ ବର୍ଷର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମାଟ୍ରିକ୍ ପରୀକ୍ଷା ଟପ୍ପର ସୁପ୍ରିୟା ନାଥ, ଜାତୀୟ କରାଟେ ଚାମ୍ପିଅନ୍ ଲିମା ପ୍ରଧାନ, ଷ୍ଟେଟ୍ ବକ୍ସିଂ ଚାମ୍ପିଅନ୍ ପ୍ରତ୍ୟୁଷ ମହାନ୍ତିଙ୍କୁ ଓ ବିଦ୍ୟାଳୟ ତଥା ଜିଲ୍ଲାସ୍ତରରେ ସଫଳତା ଲାଭ କରିଥିବା ଅନ୍ୟ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ସାର୍ଟିଫିକେଟ୍ ପ୍ରଦାନପୂର୍ବକ ପୁରସ୍କୃତ କରାଯାଇଥିଲା।

## ଅନୁବାଦିକା ସଂଘମିତ୍ରା ରାଏଗୁରୁଙ୍କୁ 'ଭାଷା ମିତ୍ର ସମ୍ମାନ'

ଭୁବନେଶ୍ୱର, ୧୫।୨(ସମିସ): ରାଞ୍ଚି ସାହିତ୍ୟ ଏକାଡେମୀ ସ୍ଥାପନା ସଂଘର୍ଷ ସମିତି ପକ୍ଷରୁ ହିନ୍ଦୀ ସାହିତ୍ୟ, ଆଞ୍ଚଳିକ ଏବଂ ଜନଜାତୀୟ ଭାଷା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ମୃତିରେ 'ସ୍ମୃତି ସମ୍ମାନ-୨୦୨୫' ଘୋଷଣା କରାଯାଇଛି। ଚଳିତ ବର୍ଷ ଅନୁବାଦିକା ଡ. ସଂଘମିତ୍ରା ରାଏଗୁରୁ 'ଲୁଣ ଓ ଅନ୍ୟାନ୍ୟ କବିତା' ପୁସ୍ତକର ହିନ୍ଦୀ ଅନୁବାଦ 'ଶାଢ଼ି କି ଉମ୍ର' ପୁସ୍ତକ ପାଇଁ 'ଭାଷାମିତ୍ର ସମ୍ମାନ-୨୦୨୫' ପାଇବା ନିମନ୍ତେ ମନୋନୀତ ହୋଇଛନ୍ତି। ଡ. ରାଏଗୁରୁଙ୍କ ୯ରୁ ଉର୍ଦ୍ଧ୍ୱ ଓଡ଼ିଆ କବିତା ପୁସ୍ତକ, ୬ଟି ଅନୁବାଦ ପୁସ୍ତକ ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତିଲାଭ କରିଥିବାବେଳେ ସେଥିମଧ୍ୟରୁ 'ପ୍ରତିଜ୍ଞା', 'ସେବାସଦନ', 'ମୁକ୍ତି', 'ମୃତ୍ୟୁଲୀଳା', 'ଲୁମିନସ୍ ଟେଣ୍ଟାକଲ୍ସ' ଆଦି ଅନୁବାଦ ପୁସ୍ତକ ଅନ୍ୟତମ। ଏହାସହ ଡ. ରାଏଗୁରୁ ବିଭିନ୍ନ ଭାଷାର ଉତ୍କୃଷ୍ଟ ରଚନାକୁ ହିନ୍ଦୀ ତଥା ଓଡ଼ିଆ ଭାଷାରେ ଅନୁବାଦ କରି ପାଠକ ମହଲରେ ଜଣେ ଅନୁବାଦିକା ଭବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ରାଞ୍ଚିରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।



## ମାର୍ଚ୍ଚ ୧୯ରେ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ଫେଷ୍ଟିଭାଲ 'ସାମର୍ଥ୍ୟ'




ଭୁବନେଶ୍ୱର, ୧୫।୨(ସମିସ): ଆସନ୍ତା ମାର୍ଚ୍ଚ ୧୯ରେ ଅନୁଷ୍ଠିତ ହେବ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ଫେଷ୍ଟିଭାଲ୍ ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ 'ସାମର୍ଥ୍ୟ'। ସମ୍ବିଧାନର ଧାରା ୨୧ ଅନୁଯାୟୀ, ପ୍ରତ୍ୟେକଙ୍କୁ ସମ୍ମାନର ସହିତ ବଞ୍ଚିବାର ଅଧିକାର ରହିଛି। ଏହି ଅନୁଯାୟୀ ଦିବ୍ୟାଙ୍ଗମାନଙ୍କୁ ଏଥିରୁ ବଞ୍ଚିତ କରାଯାଇପାରିବ ନାହିଁ। ଦିବ୍ୟାଙ୍ଗମାନଙ୍କ ସମସ୍ୟା ବିଷୟରେ ଆଲୋକପାତ କରି ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ସମ୍ମାନ, ଅଧିକାର ଏବଂ କଲ୍ୟାଣ ପାଇଁ ସମର୍ଥନ ସଂଗ୍ରହ କରିବା ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମ ହିଁ ଅନ୍ୟ ଏକ ସର୍ବୋତ୍ତମ ମାଧ୍ୟମ। ଏହାକୁ ଅନୁମେୟ କରି ରାଜ୍ୟ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରତିଯୋଗୀମାନେ ଆସନ୍ତା ୧୭ରୁ ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ନିଜର କ୍ଷୁଦ୍ର ଚଳଚ୍ଚିତ୍ର ସହିତ ଆବେଦନ କରିବା ସହ ମାର୍ଚ୍ଚ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଜୁରୀମାନଙ୍କ ଦ୍ୱାରା ସ୍କ୍ରିନିଂ କରାଯାଇ ବିଭିନ୍ନ ବିଭାଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରାଯିବ। ଏହି ସିନେମାର ଅବଧି ଦୁଇରୁ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ରହିବ। ମାର୍ଚ୍ଚ ୧୯ ତାରିଖ ଦିନ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲିଉଡ୍ ଏବଂ ଓଲିଉଡ୍ ତାରକାମାନଙ୍କ ଉପସ୍ଥିତିରେ ପୁରସ୍କାର ବିତରଣ କରାଯିବ। ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ବିଶେଷ ପାରଦର୍ଶିତା ପାଇଁ ବିଭିନ୍ନ ବର୍ଗରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ପ୍ରଦାନ କରିବେ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶିକା ନିୟତୀ ପଟ୍ଟନାୟକ, ବିଭାଗୀୟ ବିତ୍ତ ଅଧିକାରୀ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଉପଶାସନ ସଚିବ ସନ୍ୟାସୀ କୁମାରବେହେରା ପ୍ରମୁଖ ସୂଚନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା, ଚଳଚ୍ଚିତ୍ର ଜଗତର ସବ୍ୟସାଚୀ ମହାପାତ୍ର, ଗଦାଧର ପୁଟ୍ଟୀ, ଶ୍ରୀତମ୍ ଦାସ, ପିଙ୍କି ପ୍ରଧାନ, ହରିହର ମହାପାତ୍ର, ଅର୍ଚ୍ଚିତା ସାହୁ ପ୍ରମୁଖ ଯୋଗଦେଇ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ରର ନିର୍ମାଣ ଓ ବୈଷୟିକ ଦିଗ ଉପରେ ଆଲୋକପାତ କରିଥିଲେ। ରମେଶ ବାରିକ ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ କ୍ରିଏଟିଭ୍ ମୁଖ୍ୟ ଅଛନ୍ତି ଶ୍ୟାମା ପ୍ରସାଦ ମିଶ୍ର।

## ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ



ବାଲିଅନ୍ତା, ୧୫।୨(ସମିସ): ବାଲିଅନ୍ତା ବ୍ଲକ ପ୍ରତାପଶାସନ ପଞ୍ଚାୟତ ଅଧୀନ ବସନ୍ତପେଡ଼ି ସ୍ଥିତ ସାଇ ପବ୍ଲିକ୍ ସ୍କୁଲର ୧୦ମ ବାର୍ଷିକ ଉତ୍ସବ ଶନିବାର ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ନିକଟସ୍ଥ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଶୋକ ମଲ୍ଲିକ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶରତ ଚନ୍ଦ୍ର ଶାସମଲ ବାର୍ଷିକ ବିବରିଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ଚକ୍ରଧର ନାୟକ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପଶାସନ ସରପଞ୍ଚ ରୀନାରାଣୀ ବେହେରା, ପବିତ୍ର ବେହେରା, ଡାକ୍ତର ମାନବ ମଧୁଜିତ୍, ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ପ୍ରହଲ୍ଲାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ଏଥିସହିତ ପୂର୍ବତନ ମେଧାବୀ ଛାତ୍ରଛାତ୍ରୀ ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ନନ୍ଦନକାନନରେ ବିଶ୍ୱ ବଜ୍ରକାପ୍ତା ଦିବସ



ନନ୍ଦନକାନନ, ୧୫।୨(ସମିସ): ଫେବୃଆରୀ ୧୫ ତାରିଖକୁ ବିଶ୍ୱ ବଜ୍ରକାପ୍ତା ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ନନ୍ଦନକାନନରେ କଲେଜ ଛାତ୍ରଛାତ୍ରୀମାନଙ୍କ ପାଇଁ ବଜ୍ରକାପ୍ତା ସଂରକ୍ଷଣ ଉପରେ ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜିତ ହୋଇଥିଲା। ରାଜା ମଧୁସୂଦନଦେବ ଡିଗ୍ରୀ କଲେଜ (ପଟିଆ), କୁଞ୍ଜବିହାରୀ ଡିଗ୍ରୀ କଲେଜ (ବାରଙ୍ଗ), ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଏବଂ ବଜ୍ରକାପ୍ତା ସଂରକ୍ଷଣ ପ୍ରଜନନ କେନ୍ଦ୍ରର ପଶୁ ରକ୍ଷକମାନେ ସାମିଲ୍ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜୀବବିଜ୍ଞାନୀ ଡ. ରାଜେଶ କୁମାର ମହାପାତ୍ରଙ୍କ ଦ୍ୱାରା ଏକ ବିଶେଷ ଆଲୋଚନା ହୋଇଥିଲା। ଭାରତୀୟ ବଜ୍ରକାପ୍ତାଙ୍କ ଜୀବନଶୈଳୀ ଏବଂ ବିଭିନ୍ନ ସ୍ଥାନରୁ ଉଦ୍ଧାର ହୋଇ ଆସୁଥିବା ବଜ୍ରକାପ୍ତାଙ୍କ ପୁନର୍ବାସ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଇତି ମଧ୍ୟରେ ବିଭିନ୍ନ ଅଧିବେଶନ ହେବା ସହ କୁଇଜ୍ କାର୍ଯ୍ୟକ୍ରମ ହୋଇଥିଲା। ସାମିଲ୍ ହୋଇଥିବା କଲେଜ ଛାତ୍ରଛାତ୍ରୀମାନେ ବଜ୍ରକାପ୍ତା ସଂରକ୍ଷଣ କେନ୍ଦ୍ର ବୁଲି ଦେଖିଥିଲେ। ଏହି ଅବସରରେ ବଜ୍ରକାପ୍ତା ସଂରକ୍ଷଣ ପ୍ରଜନନ କେନ୍ଦ୍ରର କର୍ମକର୍ତ୍ତାମାନଙ୍କୁ ସମ୍ମାନିତ କରାଯାଇଥିଲା। ନନ୍ଦନକାନନରେ ୨୦୦୯ରେ ବଜ୍ରକାପ୍ତା ସଂରକ୍ଷଣ ଓ ପ୍ରଜନନ କେନ୍ଦ୍ର ଖୋଲାଯାଇଥିଲା। ଏହି ଭିତରେ ଏଠାରେ ୧୬ଟି ବଜ୍ରକାପ୍ତା ଜନ୍ମଗ୍ରହଣ କରିଛନ୍ତି। ବର୍ତ୍ତମାନ ନନ୍ଦନକାନନରେ ୧୧ଟି ଅଣ୍ଡିରା ଓ ୧୨ଟି ମାଈଙ୍କୁ ମିଶାଇ ୨୩ଟି ବଜ୍ରକାପ୍ତା ଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଶିକ୍ଷାଧିକାରୀ ମିଳନ ପଣ୍ଡା ପରିଚାଳନା କରିଥିଲେ।

### ଦେଖଣାହାରୀଙ୍କ ମନମୋହିଲା 'ଡଗ୍ ଶୋ'

# ଦକ୍ଷତା ଦେଖେଇଲେ ୪୮ ପ୍ରଜାତିର କୁକୁର

ଭୁବନେଶ୍ୱର, ୧୫।୨(ସମିସ): ଶନିବାର ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ ଏକ 'ଡଗ୍ ଶୋ' ଆୟୋଜିତ ହୋଇଥିଲା। ଏଥିରେ ଗ୍ରେଟ୍ ଡେନ୍, ଲାବ୍ରାଡର୍ ରିଟ୍ରିଭର୍, ଗୋଲ୍ଡେନ୍ ରିଟ୍ରିଭର୍, ବିଗଲ୍, ଆକିତା ଇନୁ, ଇଣ୍ଡିଆନ ପରିହା, ସ୍ପିଜ୍, ଜର୍ମାନ ସେଫର୍ଡ, ଫ୍ରେଞ୍ଚ୍ ବୁଲ୍‌ଡଗ୍, ରୋଟ୍‌ୱିଲର୍ ଆଦି ୪୮ଟି ପ୍ରଜାତିର କୁକୁର ଅଂଶଗ୍ରହଣ କରିଥିଲେ। ଏହି 'ଡଗ୍ ଶୋ' ଦେଖିବା ପାଇଁ ଦେଖଣାହାରୀଙ୍କ ଭିଡ଼ ଜମିଥିଲା। କୁକୁରମାନଙ୍କ ଦକ୍ଷତାର ବୈଶିଷ୍ଟ୍ୟ, ଅନୁସରଣ କ୍ଷମତା ଏବଂ ନିଜସ୍ୱ ବ୍ୟବହାରଶୈଳୀ ଦେଖଣାହାରୀଙ୍କୁ ଆକର୍ଷିତ କରିଥିଲା। ଶ୍ୱାନ ପ୍ରଶିକ୍ଷକ ରଶ୍ମିତା ଗ୍ରେଟ୍ ଡେନ୍ ପ୍ରଜାତିର ଶ୍ୱାନ ଦ୍ୱାରା ଆଦର୍ଶ ନାଗରିକ ବିଧିକୁ ପ୍ରଦର୍ଶନ କରାଇଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ଓଡ଼ିଶା କେନେଲ କ୍ଲବ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା କେନେଲ୍ କ୍ଲବ୍‌ର ସଭାପତି ସୁବ୍ରତ ପୃଷ୍ଟି ସମସ୍ତ ପ୍ରଜାତିର କୁକୁରଙ୍କ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପ୍ରଦର୍ଶନୀ ଶେଷରେ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିକାଶ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ଉମ୍ବରୁଧର ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।






